# ପଲ୍ଲୀସଭା ଓ ଗ୍ରାମ ସଭାର ଦାୟିତ୍ୱ ଓ କ୍ଷମତା



ଗାଉଁଲି ବିଚାର

# ପଲ୍ଲୀ ସଭା ଓ ଗ୍ରାମ ସଭାର ଦାୟିତ୍ୱ ଓ କ୍ଷମତା

(ସପ୍ତମ ପରିବର୍ଦ୍ଧିତ ସଂସ୍କରଣ)


**ଗାଉଁଲି ବିଚାର**

ପ୍ଲଟ ନଂ-୩୮୧୬, ସା/ପୋ - ଘାଟିକିଆ

ଭୁବନେଶ୍ୱର - ୭୫୧୦୦୩, ଫୋନ୍ : ୦୬୭୪-୨୩୮୪୨୫୭, ୨୩୮୪୨୫୮

ଇ. ମେଲ୍ : gaunlivichar@hotmail.com

ପଲ୍ଲୀ ସଭା ଓ ଗ୍ରାମ ସଭାର
ଦାୟିତ୍ୱ ଓ କ୍ଷମତା

ସଂକଳନ :
ଜଗଦୀଶ ପ୍ରଧାନ

ପ୍ରକାଶକ :
**ଗାଉଁଲି ବିଚାର**
ପ୍ଲଟ ନଂ-୩୮୧୬, ସା/ପୋ - ଘାଟିକିଆ
ଭୁବନେଶ୍ୱର - ୭୫୧୦୦୩
ଫୋନ : ୦୬୭୪-୨୩୮୪୨୫୭/୫୮
ଇ. ମେଲ୍ : gaunlivichar@hotmail.com

ମୁଦ୍ରଣ : ଶ୍ରୀ ଗୁରୁଗୌରାଙ୍ଗ ପ୍ରେସ୍, ଇସ୍କନ୍, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର -୧୫

ସପ୍ତମ ସଂସ୍କରଣ
ପ୍ରକାଶ ସମୟ :୨୪.୧୧.୦୭

ସହଯୋଗ ରାଶି :
ପଚିଶ ଟଙ୍କା ମାତ୍ର

**PALLI SABHA O GRAMA SABHARA DAYITWA O KSHAMATA**

Compiled by :
**JAGADISH PRADHAN**

Publisher :
**GAUNLI VICHAR**
Plot No.- 3816,
At/Po.-Ghatikia,
Bhubaneswar-751003
Ph. : 0674-2384257 / 58
E-mail : gaunlivichar@hotmail.com

Printed at :Sri Guru Gouranga Press , ISKCON, I.R.C. Village, Bhubaneswar-15

**Seventh Edition**

**Date of Publication : 24.11.07**

Suggested Contribution :

**Rs.25/- Only**

# ପଞ୍ଚାୟତ ଶାସନରେ ପଲ୍ଲୀ ସଭା ଓ ଗ୍ରାମ ସଭାର ଭୂମିକା

ଆମ ଦେଶ ଅଗଷ୍ଟ ପନ୍ଦର ୧୯୪୭ରେ ସ୍ୱାଧୀନ ହେଲା ବୋଲି ସିନା କୁହାଗଲା, ତେବେ ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଆସିପାରିଲା ନାହିଁ । ସ୍ୱାଧୀନତା ପୂର୍ବରୁ ତଥା ପରେ ଆମର କେତେକ ନେତୃବର୍ଗ ପଞ୍ଚାୟତି ରାଜ ବ୍ୟବସ୍ଥାକୁ ସୁଦୃଢ଼ କରି ଗାଁ ଗହଳିର ବା ସହର ବସ୍ତିର ଗଳିକନ୍ଦିରେ ରହୁଥିବା ଦୁର୍ବଳତମ ଲୋକଙ୍କୁ ବି ଶାସନରେ ସଂପୃକ୍ତ କରିବା ନିମନ୍ତେ ବିଶେଷ ଚେଷ୍ଟା କରୁଥିଲେ । ତେବେ ଯେଉଁମାନେ ରାଜ୍ୟ ରାଜଧାନୀ ବା ଦିଲ୍ଲୀଠାରେ ଶାସନ କରିବାର ସୁଯୋଗ ପାଇଲେ (ଯଥା :- ଆମର ଏମ୍. ଏଲ୍. ଏ. ବା ଏମ୍.ପି.ମାନେ) ସେମାନଙ୍କ ଭିତରୁ ଅନେକେ ଏହି ପ୍ରଚେଷ୍ଟାକୁ ସମର୍ଥନ କଲେ ନାହିଁ । ଫଳରେ ଦେଶ ସ୍ୱାଧୀନ ହେବାର ଦୀର୍ଘ ୪୫ ବର୍ଷ ପରେ ହିଁ ସମ୍ବିଧାନରେ ସଂଶୋଧନ ଅଣାଯାଇ ସମଗ୍ର ଦେଶରେ ପଞ୍ଚାୟତି ରାଜ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଗଲା । ଏହାପରେ ମଧ୍ୟ କେତେକ ରାଜ୍ୟରେ ଗ୍ରାମ ପଞ୍ଚାୟତମାନଙ୍କର ନିର୍ବାଚନ କରାଯାଇ ନାହିଁ ଏବଂ ଓଡ଼ିଶା ଭଳି ରାଜ୍ୟରେ ନିର୍ବାଚନ କରାଯାଇଥିଲେ ମଧ୍ୟ ଗ୍ରାମ ପଞ୍ଚାୟତ ବା ଜିଲ୍ଲାପରିଷଦମାନଙ୍କୁ ଯେଉଁଭଳି ଭାବେ କ୍ଷମତା ଦେବା କଥା ତାହା ଦିଆଯାଇନାହିଁ । ମୋଟାମୋଟି ଭାବରେ କହିବାକୁ ଗଲେ ଆଜି ମଧ୍ୟ ରାଜ୍ୟର ସବୁ କ୍ଷମତା 'ରାଜଧାନୀ'ରେ ଓ ବର୍ତ୍ତମାନ କ୍ଷମତାକୁ ମାଡ଼ିବସିଥିବା ଶକ୍ତିମାନେ କ୍ଷମତା ଲୋଭକୁ ଛାଡ଼ିପାରୁ ନାହାଁନ୍ତି ।

ଆଉ ଗୋଟିଏ ବଡ଼ କଥା ହେଲା, କ୍ଷମତା କିଏ କାହାକୁ ସ୍ୱଇଚ୍ଛାରେ ଛାଡିଦିଏ ନାହିଁ । ତେଣୁ ଗାଁ ଲୋକେ ନିଜେ ଅଣ୍ଟା ନ ଭିଡ଼ିଲେ ରାଜ୍ୟ ବା କେନ୍ଦ୍ର ସରକାରଙ୍କଠାରୁ କ୍ଷମତା ଯେ ମିଳିଯିବ, ଏକଥା ଭାବିବା ଭୁଲ ହେବ । କେବଳ ସମ୍ବିଧାନରେ ବ୍ୟବସ୍ଥା ହୋଇଗଲେ ହେବ ନାହିଁ, ଗାଁ ଗହଳିର ସାଧାରଣ ଲୋକେ ଗ୍ରାମ ପଞ୍ଚାୟତ ଜରିଆରେ କ୍ଷମତା ଦଖଲ କରିବା ନିମନ୍ତେ ମଧ୍ୟ ଏକ ସଂଘର୍ଷର ଆବଶ୍ୟକତା ରହିଛି । ଆଜି ଯେଉଁ ଶୋଷକମାନେ ଜୋକ ଭଳି ଗ୍ରାମ୍ୟ ସମାଜ ଉପରେ ବା ଜନସାଧାରଣଙ୍କ ଶରୀର ଉପରେ ଲାଖିରହି ଶୋଷଣ କରିବାରେ ଲାଗିଛନ୍ତି, ତାଙ୍କ ମୁଣ୍ଡରେ ଲୁଣ ଢ଼ାଳିବାକୁ ହେବ । ନହେଲେ ଗ୍ରାମ୍ୟ ଅର୍ଥନୀତି ଓ ଗ୍ରାମ ସମାଜର ସ୍ୱାସ୍ଥ୍ୟ ଫେରି ଆସିପାରିବ ନାହିଁ ।

ଓଡ଼ିଶାରେ ଗ୍ରାମ ପଞ୍ଚାୟତଠୁଁ ଜିଲ୍ଲା ପରିଷଦ ଯାଏଁ ନିର୍ବାଚନ ଯଦିଓ ସରିଯାଇଛି, ବାସ୍ତବରେ ଏହି ସମସ୍ତ ସଂସ୍ଥାକୁ କ୍ଷମତା ଆସିପାରି ନାହିଁ । ଏ ଦିଗରେ

କିଛି ନିର୍ବାଚନ ପ୍ରତିନିଧିମାନେ ସଭାସମିତି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ମଧ୍ୟ ଆରମ୍ଭ କରିଦେଇଛନ୍ତି । କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ଏକ ବ୍ୟାପକ ଜନ ଆନ୍ଦୋଳନ ବ୍ୟତିରେକେ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ପ୍ରକୃତ କ୍ଷମତା ଉପଭୋଗ କରିବାକୁ କେବେ ମଧ୍ୟ ସୁଯୋଗ ମିଳିବ ନାହିଁ । ଏଣୁ ପଞ୍ଚାୟତି ରାଜ ବ୍ୟବସ୍ଥାର ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି, ସେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହୁଅନ୍ତୁ ବା ୱାର୍ଡମେମ୍ବର ହୁଅନ୍ତୁ, ସମସ୍ତେ ମିଶି ନିଜ ନିଜ ଅଞ୍ଚଳର ଜନସାଧାରଣଙ୍କୁ ସଂଗଠିତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ କ୍ଷମତାର ପୁନରୁଦ୍ଧାର ନିମନ୍ତେ ତଥା ନିଜର କ୍ଷମତା ବ୍ୟବହାର କରିବା ନିମନ୍ତେ ପଦକ୍ଷେପ ନିଅନ୍ତୁ ।

ଜନସାଧାରଣଙ୍କ କ୍ଷମତାର ପ୍ରଦର୍ଶନ ନିମନ୍ତେ ପଦକ୍ଷେପ ହେଲା - ପଲ୍ଲୀ ସଭା ଓ ଗ୍ରାମ ସଭାକୁ ଗଣତାନ୍ତ୍ରିକ କରି ଗାଁର ତଥା ଅଞ୍ଚଳର ବିକାଶ ନିମନ୍ତେ ଜନସାଧାରଣଙ୍କ ଦ୍ୱାରା ହିଁ ବିଭିନ୍ନ ଯୋଜନା ପ୍ରଣୟନ କରାଇବା ତଥା ସେସବୁର କାର୍ଯ୍ୟକାରିତା ନିମନ୍ତେ ପଦକ୍ଷେପ ନେବା । ଆଜି ବି ଗ୍ରାମ ପଞ୍ଚାୟତ, ଗ୍ରାମ ସଭା ବା ପଲ୍ଲୀ ସଭାମାନଙ୍କୁ ଉପରଆଡୁ ଯୋଜନା ପ୍ରଣୟନ ନିମନ୍ତେ ନିର୍ଦ୍ଦେଶ ଆସିବା ବନ୍ଦ ହେଉ ନାହିଁ । ଉପରଆଡୁ ଆଜି ବି ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ 'ଟାରଗେଟ୍' ଦିଆଯାଇଛି, ସତେ ଯେମିତି ଏମାନେ ରାଜ୍ୟ ସରକାରଙ୍କର ଠିକାଦାର । ଏ ପ୍ରକାର 'ପଞ୍ଚାୟତିରାଜ' ବ୍ୟବସ୍ଥାକୁ କେତେକ ଏକ ପ୍ରହସନରେ ପରିଣତ କରିବାକୁ ବି ପଛାଉନାହାଁନ୍ତି । ସମ୍ବିଧାନର ବ୍ୟବସ୍ଥା ଅନୁସାରେ ପଲ୍ଲୀ ସଭା, ଗ୍ରାମ ସଭା, ଗ୍ରାମ ପଞ୍ଚାୟତ ବା ଜିଲ୍ଲା ପରିଷଦର ଯାହାକିଛି କ୍ଷମତା ଅଛି, ତାହାକୁ କାର୍ଯ୍ୟକାରୀ କରାଇବା ସଂପୃକ୍ତ ନାଗରିକ ବା ପ୍ରତିନିଧିମାନଙ୍କ ଦାୟିତ୍ୱ । ଏଥିରେ କେହି ହସ୍ତକ୍ଷେପ କରିବା ସମ୍ବିଧାନ ବିରୋଧୀ ତଥା ଅନୈତିକ ହେବ ।

ଆମର ଅଧିକାଂଶ ଲୋକଙ୍କ ମଧ୍ୟରେ ରାଜନୈତିକ ସଚେତନତା ନ ଥିବା ହେତୁ ଆଜି ଆମ ଗଣତନ୍ତ୍ରର ତଥା ଦେଶର ଘୋର ଦୁର୍ଗତି ପରିଲକ୍ଷତ ହେଉଛି । ଏଣୁ ସମସ୍ତ ସଚେତନ ବ୍ୟକ୍ତି ଏବଂ ନେତୃବର୍ଗ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କ ଭିତରେ ଯେମିତି ଗଠନମୂଳକ ରାଜନୈତିକ ସଚେତନତା ସୃଷ୍ଟିହେବ ସେ ଦିଗରେ ଯତ୍ନବାନ ହେବା ନିହାତି ଆବଶ୍ୟକ ହୋଇ ପଡ଼ିଛି ।

ପଞ୍ଚାୟତି ରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ହିଁ ଆମ ଦେଶର ତଥା ଜନସାଧାରଣଙ୍କର ଭବିଷ୍ୟତ ନିର୍ଭର କରୁଛି । ଏହି ଭାବନାକୁ ନେଇ ସରକାରଙ୍କ ବିଭିନ୍ନ ସଂସ୍ଥା ପଞ୍ଚାୟତିରାଜ ସଚେତନତା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ନେଉଥିବା

ସମୟରେ କେତେକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଏ ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀଗଣ କିମ୍ବା ଅନ୍ୟାନ୍ୟ ସମାଜସେବୀ ସାଥୀଗଣ ପଞ୍ଚାୟତିରାଜକୁ ସଫଳ କରାଇବା କାର୍ଯ୍ୟରେ ସଂପୃକ୍ତ,ସେମାନଙ୍କ ଆବଶ୍ୟକତାକୁ ଆଖିରେ ରଖି **'ଗାଁଉଲି ବିଚାର'** ତରଫରୁ ଏହି କ୍ଷୁଦ୍ର ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତିକାର କେତେକ ବିଷୟବସ୍ତୁ ଆଇ. ଏସ.ଇ.ଡି. - ଭୁବନେଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତିକା 'ଆମେ ଓ ଆମ ପଞ୍ଚାୟତ'ର ଆଧାରରେ ପ୍ରସ୍ତୁତ କରିଅଛୁଁ ଏବଂ ସେଥିପାଇଁ ଆମେ ଆଇ.ଏସ.ଇ.ଡି.ଙ୍କ ନିକଟରେ କୃତଜ୍ଞ । ପଞ୍ଚାୟତି ରାଜ ବ୍ୟବସ୍ଥାକୁ ବାସ୍ତବ ରୂପ ଦେବାରେ ଯେଉଁ ସ୍ୱେଚ୍ଛାସେବୀ ସାଥୀଗଣ ତଥା ନେତୃବର୍ଗ ସଂଘର୍ଷରତ ଅଛନ୍ତି, ସେମାନଙ୍କୁ ଏହି ପୁସ୍ତିକାଟି ସହାୟକ ହେଲେ ଆମର ଶ୍ରମ ସାର୍ଥକ ହେବ ।

୨୪.୧୧.୨୦୦୭

ସମ୍ପାଦକ, ଗାଉଁଲି ବିଚାର

# ଗ୍ରାମ ସଭା ଓ ପଲ୍ଲୀ ସଭାର କାର୍ଯ୍ୟକଳାପ

## ଗ୍ରାମ ସଭା

ବିଭିନ୍ନ ନିଷ୍ପତ୍ତି ନେବା, ତଥା ବିକାଶମୂଳକ କାର୍ଯ୍ୟ ଓ ସମାଧାନ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କର ଅଂଶଗ୍ରହଣକୁ ସକ୍ରିୟ କରାଇବା ପଞ୍ଚାୟତି ରାଜର ଅନ୍ୟତମ ଉଦ୍ଦେଶ୍ୟ ଅଟେ । ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଗ୍ରାମ ସଭାର ସମସ୍ତ ସଭ୍ୟମାନେ କେବଳ ଆଲୋଚନାରେ ଭାଗ ନ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରିବା ଓ ସେସବୁର ରୂପାୟନ କରିବା ପାଇଁ ସକ୍ରିୟଭାବରେ ଅଂଶଗ୍ରହଣ କରିବା ଉଚିତ୍ । ଗ୍ରାମ ସଭା କେବଳ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏଥିରେ ସମାନ ଭାବରେ ଭାଗ ନେବା ଏବଂ ମତାମତ ପ୍ରକାଶ କରିବା ପାଇଁ ସୁଯୋଗ ଦେଇଥାଏ । ଗ୍ରାମ ସଭା ହେଉଛି ଗ୍ରାମ ପଞ୍ଚାୟତର ମୂଳଦୂଆ ଏବଂ ଏକ ମୁଖ୍ୟ ଅଙ୍ଗ । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରଶାସନର ନିଜେ ମୁଖ୍ୟ ହେବା ପାଇଁ ଗ୍ରାମ ସଭା ଏକ ପ୍ରଭାବଶାଳୀ ମାଧ୍ୟମ । ଗ୍ରାମ ସଭା ବିନା ପଞ୍ଚାୟତିରାଜର କୌଣସି ମୂଲ୍ୟ ନାହିଁ । ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ଯୋଜନାସ୍ତରରୁ ସେଗୁଡ଼ିକ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଲୋକଙ୍କର ଭାଗିଦାରୀକୁ ବଢ଼ାଇବା ପାଇଁ ଆମ ସମ୍ବିଧାନର ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ଗ୍ରାମ ସଭା ନ ଥିଲେ ପୂରଣ ହୋଇପାରିବ ନାହିଁ ।

**ଗ୍ରାମ ସଭା କହିଲେ ଗ୍ରାମ ପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା ପ୍ରତ୍ୟେକ ଗ୍ରାମଗୁଡ଼ିକର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଲୋକଙ୍କର ସଂଘକୁ ବୁଝାଏ । ଗ୍ରାମର ଭୋଟର ତାଲିକାରେ ଥିବା ସମସ୍ତ ପ୍ରାପ୍ତ ବୟସ୍କ ଗ୍ରାମ ସଭାର ବୈଠକରେ ଯୋଗଦେବାର ଅଧିକାର ରହିଛି ।**

## ଗ୍ରାମ ସଭାର ବୈଠକ

- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମ ସଭାର ବୈଠକ ପାଇଁ ସ୍ଥାନ ଠିକ୍ କରିବା ସରପଞ୍ଚଙ୍କର ଦାୟିତ୍ୱ । ଗ୍ରାମ ସଭାର ବାର୍ଷିକ ଓ ଷାଣ୍ମାସିକ ବୈଠକ ଯଥାକ୍ରମେ ଫେବୃଆରୀ ଓ ଜୁନ୍ ମାସରେ ବସିବ । ଏହି ବୈଠକର ତାରିଖ ଓ ସମୟ ସରପଞ୍ଚ ଠିକ୍ କରିବେ । ଆବଶ୍ୟକ ହେଲେ ଅଧିକ ସଂଖ୍ୟାରେ ମଧ୍ୟ ଗ୍ରାମ ସଭା ବୈଠକ ଡକାଯାଇପାରିବ ।
- ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସରପଞ୍ଚ କିମ୍ବା ଜିଲ୍ଲାପାଳ କିମ୍ବା ଅନ୍ୟ ଯେ କୌଣସି ବ୍ୟକ୍ତି ଦରକାର ପଡ଼ିଲେ ଗ୍ରାମ ସଭାର ବୈଠକ ଡାକିପାରିବେ । ସରପଞ୍ଚଙ୍କର ଅନୁମତି ପାଇବା ପରେ ପଞ୍ଚାୟତ ସଭାପତି ଉକ୍ତ ବୈଠକ ପାଇଁ ନୋଟିସ୍ ଦେବେ ।

- ❖ ଗ୍ରାମ ସଭାର ବୈଠକ ପାଇଁ ଅନ୍ତତଃ ପକ୍ଷେ ପନ୍ଦର ଦିନ ପୂର୍ବରୁ ନୋଟିସ ଦିଆଯିବ ଏବଂ ନୋଟିସ୍‌ର ଏକ କପି ବି.ଡି.ଓଙ୍କ ପାଖକୁ ପଠାଯିବ ।
- ❖ ଗ୍ରାମ ସଭାର ବୈଠକ ପାଇଁ ନୋଟିସ୍ ଗାଁର ବିଭିନ୍ନ ସ୍ଥାନରେ ଟଙ୍ଗାଇ ଦିଆଯିବ ଏବଂ ଡେଙ୍ଗୁରା ବାଡ଼େଇ ପ୍ରଚାର କରାଯିବ ।
- ❖ ବୈଠକର ଆଲୋଚ୍ୟ ବିଷୟ ନୋଟିସ୍‌ରେ ସ୍ପଷ୍ଟ ଭାବରେ ଲେଖାଯିବ ଓ ନୋଟିସ୍‌ରେ ସ୍ଥାନ ପାଇ ନ ଥିବା ଯେକୌଣସି ବିଷୟ ସରପଞ୍ଚ ଚାହିଁଲେ ଆଗତ କରିପାରିବେ ।
- ❖ ଗ୍ରାମ ସଭାରେ ସଭ୍ୟମାନଙ୍କ ମଧ୍ୟରୁ ଦଶ ଭାଗରୁ ଏକ ଭାଗ ସଭ୍ୟ ଉପସ୍ଥିତ ଥିଲେ ବୈଠକରେ କୋରମ ହେବ । ଗ୍ରାମ ସଭା ବୈଠକରେ ଯଦି କୋରମ ନ ହୁଏ, ତେବେ ସରପଞ୍ଚ କିମ୍ବା ବୈଠକର ସଭାପତିଙ୍କ ମତାମତ ଅନୁସାରେ ବୈଠକକୁ ଅନ୍ୟ ଦିନକୁ ସ୍ଥଗିତ ରଖାଯାଇପାରିବ । ଏହି ସ୍ଥଗିତ ରହିଥିବା ବୈଠକ ପୁଣିଥରେ ବସିବା ପାଇଁ ଅତିକମ୍‌ରେ ତିନିଦିନ ପୂର୍ବରୁ ନୋଟିସ୍ ଦିଆଯିବ । ଏହି ବୈଠକ ବିନା କୋରମରେ ମଧ୍ୟ ବସିପାରିବ ।
- ❖ ପଞ୍ଚାୟତ ଉପରେ ଥିବା ଦାୟିତ୍ୱଗୁଡ଼ିକ ହିଁ ଗ୍ରାମ ସଭା କାର୍ଯ୍ୟକ୍ରମରେ ସ୍ଥାନ ପାଇବ । ଏହି କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତୁତ ହେବ ।
- ❖ ଗ୍ରାମ ସଭା ବୈଠକରେ ସରପଞ୍ଚ ସଭାପତିତ୍ୱ କରିବେ ।
- ❖ ବୈଠକର ସଭାପତି କୌଣସି କାରଣରୁ ଅସ୍ଥାୟୀ ଭାବରେ ଅନୁପସ୍ଥିତ ରହିବାର ପରିସ୍ଥିତି ଉପୁଜିଲେ, ସେ ଅନ୍ୟ ଯେକୌଣସି ସଭ୍ୟଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ଅନୁରୋଧ କରିପାରିବେ ।
- ❖ ଯେଉଁ କାର୍ଯ୍ୟାବଳୀ ପାଇଁ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିବ, ସେଠାରେ କେବଳ ସେହି ବିଷୟଗୁଡ଼ିକୁ ହିଁ ବିଚାରକୁ ନିଆଯିବ ।
- ❖ ନୋଟିସ୍‌ରେ ଜଣାଇ ଦିଆଯାଇଥିବା କାର୍ଯ୍ୟକ୍ରମ ବ୍ୟତୀତ ବୈଠକରେ ଉପସ୍ଥିତ ଅଧାରୁ ଅଧିକ ସଭ୍ୟମାନଙ୍କ ମତାମତ ଅନୁସାରେ ଅନ୍ୟ ଯେ କୌଣସି କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇପାରିବ ।
- ❖ ଗ୍ରାମ ସଭାର ବୈଠକରେ ଆଲୋଚିତ ସମସ୍ତ ବିଷୟ ସଂଖ୍ୟାଧିକ ଭୋଟଦ୍ୱାରା ସ୍ଥିର କରାଯିବ । ଯଦି ସମାନ ସମାନ ଭୋଟ ହୁଏ, ତେବେ ବୈଠକରେ ସଭାପତିଙ୍କର ନିର୍ଣ୍ଣାୟକ ବା ଅତିରିକ୍ତ ଭୋଟଦ୍ୱାରା ସମସ୍ୟାର ସମାଧାନ କରାଯିବ ।

* କୌଣସି ସଭ୍ୟ ବୈଠକରେ ନିଜେ ଉପସ୍ଥିତ ନ ରହି ଭୋଟ ଦେଇପାରିବେ ନାହିଁ ।
* ବୈଠକର କାର୍ଯ୍ୟ ବିବରଣୀ (ପ୍ରୋସିଡିଂସ)କୁ ଗ୍ରାମ ପଞ୍ଚାୟତର ସେକ୍ରେଟେରୀ ଲେଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବେ । ବୈଠକର କାର୍ଯ୍ୟ ବିବରଣୀ ଗୋଟିଏ ଖାତାରେ ଲେଖା ହୋଇ ବୈଠକର ସଭାପତିଙ୍କ ଦ୍ୱାରା ତାହା ଦସ୍ତଖତ ହୋଇ ରହିବ । ଏହି ଖାତାକୁ ସର୍ବସାଧାରଣ ଚାହିଁଲେ ମଧ୍ୟ ଦେଖିପାରିବେ ।

**(ଗ୍ରାମ ସଭା ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିୟମ ନିମନ୍ତେ ଏହି ପୁସ୍ତିକାର ପରିଶିଷ୍ଟରେ ଥିବା ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ବିଭାଗର ତା୮.୮.୯୭ର ସର୍କୁଲାର ଦେଖନ୍ତୁ)**

## ଗ୍ରାମ ସଭାର କାର୍ଯ୍ୟ କଳାପ

## ଗ୍ରାମ ସଭା ନିମ୍ନ ବିଷୟମାନ ବିଚାରକୁ ନେଇ କାର୍ଯ୍ୟ କରିବ

* ପ୍ରତ୍ୟେକ ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଥିବା ଗ୍ରାମ ସଭା ବୈଠକରେ ଆଗାମୀ ବର୍ଷ ପାଇଁ ଗ୍ରାମ ପଞ୍ଚାୟତର କାର୍ଯ୍ୟକ୍ରମମାନ ଠିକ୍ ହେବ । କି କି କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ଓ ଗ୍ରାମ ପଞ୍ଚାୟତର ଚଳିତ ବର୍ଷ ପାଇଁ ବାର୍ଷିକ ବଜେଟ୍ , ଏଥିରେ ବିଚାର କରାଯିବ ।
* ପ୍ରତିବର୍ଷ ଜୁନ୍ ମାସରେ ଅନୁଷ୍ଠିତ ହୋଇଥିବା ଗ୍ରାମ ସଭା ବୈଠକରେ ଗ୍ରାମ ପଞ୍ଚାୟତ ଗ୍ରହଣ କରିଥିବା କାର୍ଯ୍ୟକ୍ରମ କେତେଦୂର ଆଗେଇଛି, ସେ ସବୁର ବିଚାର ଆଲୋଚନା ହେବ ।
* ଗ୍ରାମ ସଭା ବୈଠକରେ ଯଦି ଟିକସ ହାର, ଖଜଣା ଓ ଫିସ୍ ଧାର୍ଯ୍ୟ ପାଇଁ ବା କୃଷିଜାତ ଫସଲ ଉପରେ କୌଣସି ଯୋଜନା ତିଆରି କରାଯିବ ଅଥବା ଅନ୍ୟାନ୍ୟ ବିଷୟରେ ଯଦି କୌଣସି ପ୍ରସ୍ତାବ ଆସେ, ତେବେ ସେ ସବୁକୁ ବିଚାର କରାଯିବ ।
* ଗ୍ରାମ ସଭା ବୈଠକରେ ଗ୍ରାମ ପଞ୍ଚାୟତର କାର୍ଯ୍ୟକଳାପକୁ ନିର୍ବାହ କରାଯିବ ଓ ସଭାର କାର୍ଯ୍ୟ ବିବରଣୀମାନ ନିର୍ଦ୍ଧାରିତ ସମୟରେ ରକ୍ଷଣାବେକ୍ଷଣ ହେବ ।
* ଏହି ବୈଠକରେ କାର୍ଯ୍ୟ ବିବରଣୀକୁ ସେହି ବୈଠକରେ ଉପସ୍ଥିତ ପଞ୍ଚାୟତର ସଦସ୍ୟମାନେ ଦସ୍ତଖତ କରିବା ପରେ ତାହା ଚୂଡ଼ାନ୍ତ ବୋଲି ଧରାଯିବ ।
* ପାଣି ପଞ୍ଚାୟତର କାର୍ଯ୍ୟକ୍ରମକୁ ତଦାରଖ କରିବା ।

## ପଲ୍ଲୀ ସଭା

ଗ୍ରାମ ପଞ୍ଚାୟତରେ ଅଧିକ ଲୋକଙ୍କର ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ 'ପଲ୍ଲୀ ସଭା' ଗଠନ କରାଯାଏ । ପଲ୍ଲୀ ସଭା ଜରିଆରେ ଲୋକମାନେ ନିଜ

ପଲ୍ଲୀ ପାଇଁ ଆବଶ୍ୟକ ଅଥବା ଉଚିତ୍ ମନେ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗ୍ରାମ ପଞ୍ଚାୟତକୁ ସୁପାରିଶ ପଠାଇ ପାରିବେ । ନିଜ ଅଞ୍ଚଳର ସମସ୍ୟାକୁ ଅଖିଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ତିଆରି କରିବା ପାଇଁ ପଲ୍ଲୀ ସଭା ସୁଯୋଗ ଯୋଗାଇଥାଏ ।

**ଗୋଟିଏ ମୌଜାରେ ଥିବା ଛୋଟ ଛୋଟ ଗାଁ ବା ବସ୍ତିକୁ ପଲ୍ଲୀ କୁହାଯାଏ । ପ୍ରତ୍ୟେକ ରାଜସ୍ୱ ମୌଜା ପାଇଁ ଗୋଟିଏ ପଲ୍ଲୀ ସଭା ଗଢ଼ାଯାଏ । ଯଦି ଗୋଟିଏ ମୌଜାରେ ଗୋଟିଏରୁ ଅଧିକ ୱାର୍ଡ ଥିବ, ତେବେ ମଧ ପ୍ରତ୍ୟେକ ମୌଜା ପାଇଁ ଗୋଟିଏ ମାତ୍ର ପଲ୍ଲୀ ସଭା ଗଢ଼ା ହେବ ।**

## ପଲ୍ଲୀ ସଭାର ବୈଠକ

- ❖ ସମ୍ପୃକ୍ତ ରାଜସ୍ୱ ଗ୍ରାମର ଭୋଟର ତାଲିକାରେ ଥିବା ସମସ୍ତ ବ୍ୟକ୍ତିମାନେ ସେହି ପଲ୍ଲୀ ସଭାର ସଭ୍ୟ ଅଟନ୍ତି ।
- ❖ ପଲ୍ଲୀ ସଭାର ବୈଠକ ଡାକିବାପାଇଁ ଗ୍ରାମ ପଞ୍ଚାୟତ ବା ପଲ୍ଲୀ ସଭା ସଭ୍ୟମାନେ ସ୍ଥାନ ଠିକ୍ କରିବେ ।
- ❖ ପଲ୍ଲୀ ସଭାର ବୈଠକ ଡାକିବା ପାଇଁ ଗ୍ରାମ ପଞ୍ଚାୟତ ବ୍ୟବସ୍ଥା କରିବ ।
- ❖ ପଲ୍ଲୀ ସଭାର ବୈଠକ ବର୍ଷକୁ ଥରେ ଫେବୃଆରୀ ମାସରେ ବସିବ । ଏହି ବୈଠକ ବସିବାର ଛଅ ମାସ ପୂର୍ବରୁ ଗ୍ରାମ ପଞ୍ଚାୟତ ବୈଠକର ତାରିଖ ଓ ସ୍ଥାନ ସ୍ଥିର କରିବ ।
- ❖ ଗ୍ରାମ ପଞ୍ଚାୟତ ଆବଶ୍ୟକ କଲେ କିମ୍ବା ପଲ୍ଲୀ ସଭାର ପାଞ୍ଚ ଭାଗରୁ ଏକ ଭାଗ ସଭ୍ୟଙ୍କ ଚାହିଦା ଅନୁଯାୟୀ ପଲ୍ଲୀ ସଭାର ଏକ ସ୍ୱତନ୍ତ୍ର ବୈଠକ ଡକା ହେବ । ସେପରି ବୈଠକର ତାରିଖ, ସ୍ଥାନ ଓ ଆଲୋଚ୍ୟ ବିଷୟବସ୍ତୁ ବୈଠକ ହେବାର ଅନ୍ତତଃ ୧୫ ଦିନ ପୂର୍ବରୁ ଗ୍ରାମ ପଞ୍ଚାୟତ ସ୍ଥିର କରିବ ।
- ❖ ସ୍ୱତନ୍ତ୍ର ବୈଠକ ଡକାଇବା ପାଇଁ ପଲ୍ଲୀ ସଭାର ସଭ୍ୟମାନେ ବୈଠକର ସ୍ଥାନ, ତାରିଖ ଓ ସମୟ ଲେଖି ସରପଞ୍ଚଙ୍କୁ ୩୦ ଦିନ ପୂର୍ବରୁ ଜଣାଇଦେବେ ।
- ❖ ସଭ୍ୟମାନେ ଦେଇଥିବା ତାରିଖରେ ଯଦି ଗ୍ରାମ ପଞ୍ଚାୟତ ବୈଠକ ଡକାଇ ପାରିଲା ନାହିଁ, ତେବେ ସେମାନେ ନିଜେ ଠିକ୍ କରିଥିବା ତାରିଖ ଓ ସମୟ ଲେଖି ସରପଞ୍ଚଙ୍କୁ ୩୦ ଦିନ ପୂର୍ବରୁ ଜଣାଇବେ ।
- ❖ ସଭ୍ୟମାନେ ଦେଇଥିବା ତାରିଖରେ ଯଦି ଗ୍ରାମ ପଞ୍ଚାୟତ ବୈଠକ ଡକାଇ ପାରିଲା

ନାହିଁ, ତେବେ ସେମାନେ ନିଜେ ଠିକ୍ କରିଥିବା ତାରିଖ ଓ ସ୍ଥାନରେ ବୈଠକ ଡକାଇ ପାରିବେ ।

❖ ପଲ୍ଲୀ ସଭା ବୈଠକର ନୋଟିସକୁ ସମ୍ପୃକ୍ତ ଅଞ୍ଚଳର ଗୋଟିଏ କିମ୍ବା ଅଧିକ ସ୍ଥାନରେ ଟଙ୍ଗାଇ ଦେଇ ଏବଂ ଡେଙ୍ଗୁରା ବାଡ଼େଇ ପନ୍ଦର ଦିନ ପୂର୍ବରୁ ଜଣାଇ ଦିଆଯିବ ।

❖ ପଲ୍ଲୀ ସଭା ଅଞ୍ଚଳରୁ ଗ୍ରାମ ପଞ୍ଚାୟତରେ ଥିବା ୱାର୍ଡମେମ୍ବର ପଲ୍ଲୀ ସଭା ବୈଠକରେ ସଭାପତିତ୍ୱ କରିବେ । ଯଦି ଗୋଟିଏ ପଲ୍ଲୀ ସଭାରେ ଜଣକରୁ ଅଧିକ ୱାର୍ଡ ମେମ୍ବର ଥିବେ, ତେବେ ୱାର୍ଡ଼ ମେମ୍ବରମାନେ ପର୍ଯ୍ୟାୟକ୍ରମେ ବୈଠକରେ ସଭାପତିତ୍ୱ କରିବେ ।

❖ ଯଦି କୌଣସି କାରଣରୁ ସମ୍ପୃକ୍ତ ୱାର୍ଡମେମ୍ବର ଅନୁପସ୍ଥିତ ରହନ୍ତି, ତେବେ ସେହି ବୈଠକରେ ଉପସ୍ଥିତ ଥିବା ସଭ୍ୟମାନେ ଖୋଲା ଭୋଟଦ୍ୱାରା ସେମାନଙ୍କ ଭିତରୁ ଜଣକୁ ସଭାପତି ଭାବରେ ବାଛିବେ ।

❖ ବୈଠକରେ ଉପସ୍ଥିତ ଥିବା ସଭ୍ୟମାନେ ଖୋଲା ଭୋଟଦ୍ୱାରା ସେମାନଙ୍କ ଭିତରୁ ଜଣକୁ ସଭାପତି ଭାବରେ ବାଛିବେ ।

❖ ବୈଠକରେ ଉପସ୍ଥିତ ଥିବା ସଭ୍ୟମାନଙ୍କୁ ନେଇ ସେହି ବୈଠକର କୋରମ ହେବ ।

❖ ପଲ୍ଲୀସଭା ବୈଠକରେ ଆଲୋଚ୍ୟ ବିଷୟ ସଂଖ୍ୟାଧିକ ଭୋଟଦ୍ୱାରା ଗୃହୀତ ହେବ । ଯଦି ସମାନ ସମାନ ଭୋଟ ହୁଏ, ତେବେ ସଭାପତି ତାଙ୍କର ଅତିରିକ୍ତ ଭୋଟଟି ଦେଇ ସମସ୍ୟାର ସମାଧାନ କରିବେ ।

❖ ଆଗତ କରାଯାଇଥିବା କୌଣସି ପ୍ରସ୍ତାବ ବା ସଂଶୋଧନ ପ୍ରସ୍ତାବ ଉପରେ ଭୋଟ ନିଆଯିବା ସମୟରେ କୌଣସି ମେମ୍ବର ଅନୁପସ୍ଥିତ ରହିଲେ, ସେଥିରେ ଭୋଟ ଦେଇପାରିବେ ନାହିଁ ।

❖ ପଲ୍ଲୀସଭାର କାର୍ଯ୍ୟ ବିବରଣୀ ବୈଠକରେ ସଭାପତିତ୍ୱ କରୁଥିବା ବ୍ୟକ୍ତି ଲିପିବଦ୍ଧ କରିବେ ।

❖ ପଲ୍ଲୀସଭାର କୌଣସି ମେମ୍ବର 'ପଲ୍ଲୀ ସଭା ବୈଠକର କାର୍ଯ୍ୟ ବିବରଣୀ ଠିକ୍ ଭାବରେ ଲେଖାଯାଇ ନାହିଁ ବୋଲି' ଲିଖିତ ବା ମୌଖିକ ଭାବରେ ଅଭିଯୋଗ କଲେ, ଗ୍ରାମ ପଞ୍ଚାୟତ ତାର ଆଗାମୀ ବୈଠକରେ ସେହି ବିଷୟକୁ ବିଚାର କରିବା ପାଇଁ ପୁଣି ଥରେ ପଲ୍ଲୀ ସଭା ବୈଠକ ଡକାଇପାରିବେ ।

❖ ଏପରି ବୈଠକ ଉକ୍ତ ପଲ୍ଲୀସଭା ସହ ସମ୍ପୃକ୍ତ ନ ଥିବା ଗ୍ରାମ ପଞ୍ଚାୟତର ଅନ୍ୟ ସଭ୍ୟଙ୍କ ଉପସ୍ଥିତିରେ ଡକାଯିବ ।

❖ ଏହି ବୈଠକର କାର୍ଯ୍ୟ ବିବରଣୀରେ ସେହି ସଭ୍ୟ ଦସ୍ତଖତ କରିବା ପରେ ତାହା ଚୂଡ଼ାନ୍ତ ବୋଲି ଧରାଯିବ ।

## ପଲ୍ଲୀ ସଭାର କାର୍ଯ୍ୟ

ପଲ୍ଲୀ ସଭା ତାର ବାର୍ଷିକ ବୈଠକରେ ନିମ୍ନଲିଖିତ ଦୁଇଟି ବିଷୟ ଉପରେ ତାର ସୁପାରିଶ ଗ୍ରାମ ପଞ୍ଚାୟତକୁ ପଠାଇବ, ଯଥା :-

୧. ଆଗାମୀ ବର୍ଷ କି ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ; ଏବଂ

୨. ଗ୍ରାମ ପଞ୍ଚାୟତ ପଠାଇଥିବା ଆଗାମୀ ବର୍ଷର ସମ୍ଭାବିତ ଆୟ ଓ ବ୍ୟୟର ଅଟକଳ ।

ସେହି ସୁପାରିଶ୍‌ଗୁଡ଼ିକ ପଲ୍ଲୀସଭା ଅଞ୍ଚଳର ସମସ୍ୟା ସମ୍ପର୍କୀୟ ହୋଇଥିବା ଦରକାର ।

## ବିଶେଷ ଦ୍ରଷ୍ଟବ୍ୟ :-

ପଲ୍ଲୀସଭା ଓ ଗ୍ରାମ ସଭାରେ ଯୋଜନା ପ୍ରଣୟନ ନିମନ୍ତେ ଅନେକଙ୍କର ଧାରଣା ଅଛି ଯେ ଉପର ଆଡୁ ଅର୍ଥାତ୍ ଜିଲ୍ଲାପାଳ ବା ବ୍ଲକ୍ ଅଫିସଠାରୁ ଯେମିତି ନିର୍ଦ୍ଦେଶ ଆସିବ ସେମିତି ଢାଞ୍ଚାରେ ହିଁ ବିଭିନ୍ନ ଯୋଜନା ତିଆରି ହେବ । କେତୋଟି ଇନ୍ଦିରା ଆବାସ ଯୋଜନା, କେତେ ନିୟୁତ କୂପ, ସ୍କୁଲଘର ବା ରାସ୍ତାଘାଟ - ଏସବୁ ଭିତରେ ହିଁ ଯୋଜନା ସରିଯାଏ । କିନ୍ତୁ ଏ ପ୍ରକାର ଯୋଜନା କରିବାଟା ପଲ୍ଲୀ ସଭା ବା ଗ୍ରାମ ସଭାର ଅସଲ କର୍ତ୍ତବ୍ୟ ନୁହେଁ । ପଲ୍ଲୀ ସଭା ବା ଗ୍ରାମ ସଭା ନିଜ ନିଜ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ନେଇ ସମ୍ବିଧାନରେ ବର୍ଣ୍ଣିତ ୨୯ଟି ରକମର କାର୍ଯ୍ୟକ୍ରମ ଭିତରୁ ଯେ କୌଣସି କାର୍ଯ୍ୟକ୍ରମ ପାଇଁ ଯୋଜନା ତିଆରି କରିପାରିବେ । ବନ୍ଧ,କଟା ପୋଖରୀ ଖୋଳିବାଠାରୁ ଜମି ମରାମତି, ଆମ୍ବ ତୋଟା ତିଆରି,ପାଇଖାନାଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ଯାହା ଚାହିଁବେ ତାହା କରିପାରିବେ । ସେସବୁ ପାଇଁ ଟଙ୍କା କେଉଁଠାରୁ ଆସିବ, ତାହା ମଧ୍ୟ ସେମାନେ ଠିକ୍ କରିବେ ଓ ଆବଶ୍ୟକ ହେଲେ ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କୁ ମାଗିବେ ।

| ପଲ୍ଲୀ ସଭାରେ ଯୋଜନା ହେବ<br>ଦରଖାସ୍ତ ଲେଖା ବନ୍ଦ ହେବ । | ଗାଆଁର ମାଟି, ପାଣି ଓ ବନ<br>କମ୍ପାନୀର ନୁହେଁ, ଲୋକଙ୍କ ଧନ । |
|---|---|

# ଗ୍ରାମ ପଞ୍ଚାୟତର କ୍ଷମତା ଓ କର୍ତ୍ତବ୍ୟ

ସ୍ୱାୟତ୍ତ ଶାସନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ପୂର୍ବରୁ ଥିବା କେତେକ କ୍ଷମତା ଗ୍ରାମ ପଞ୍ଚାୟତକୁ ଦିଆଯାଇଛି । ଗ୍ରାମ ପଞ୍ଚାୟତର ଏହି କ୍ଷମତା ଓ କର୍ତ୍ତବ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।

## କ୍ଷମତା

- ଗାଁ ଲୋକେ ବ୍ୟବହାର କରୁଥିବା ଜାଗା ଓ ଯିବା ଆସିବା ରାସ୍ତା ଉପରେ ଅନଧିକାର ଦଖଲକୁ ବନ୍ଦ କରିବା;
- ଯଦି କୌଣସି ବ୍ୟକ୍ତିର ବାଡ଼ ବା ଗଛର ଡାଳ ସର୍ବସାଧାରଣ ରାସ୍ତା ଉପରକୁ ମାଡ଼ି ଆସିଥାଏ ସେସବୁକୁ କାଟିବା;
- ଗାଁ ଲୋକେ ପିଇବା ଓ ରାନ୍ଧିବା ପାଇଁ ବ୍ୟବହାର କରୁଥିବା ପାଣିରେ ଗାଈଗୋରୁ ଧୋଇବା, ଗାଧୋଇବା, ଲୁଗା ସଫା କରିବା ତଥା ପାଣିକୁ ଦୂଷିତ କରୁଥିବା ଅନ୍ୟ ସେଭଳି କାର୍ଯ୍ୟକୁ ଗ୍ରାମ ପଞ୍ଚାୟତ ବନ୍ଦ କରିବ;

  ଯଦି କୌଣସି ବ୍ୟକ୍ତିର ପୋଖରୀ ବା କୂଅ ପାଣିକୁ ସର୍ବସାଧାରଣ ବ୍ୟବହାର କରୁଥାନ୍ତି,ତେବେ ତାର ମାଲିକଙ୍କୁ ନିମ୍ନଲିଖିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବେ :-

  - ପୋଖରୀ ଓ କୂଅର ଉଚିତ ମରାମତି,ରକ୍ଷଣାବେକ୍ଷଣ, ସଫା ଓ ଦୂଷିତ ନ ହେବାପାଇଁ ପ୍ରତିରୋଧ ବ୍ୟବସ୍ଥା ଗ୍ରହଣ;
  - ଯଦି ପୋଖରୀ ଓ କୂଅ ପାଣି ଦୂଷିତ ହୋଇଥାଏ, ତେବେ ବ୍ୟବହାର କରିବା ପାଇଁ ନିଷେଧ କରିବାର ବ୍ୟବସ୍ଥା ।
- ଗ୍ରାମ ପଞ୍ଚାୟତ ଦେଇଥିବା ନୋଟିସ ଅନୁସାରେ ସଂପୃକ୍ତ ବ୍ୟକ୍ତି (ଯାହାକୁ ନୋଟିସ ଦିଆଯାଇଥିବ) ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଗ୍ରାମ ପଞ୍ଚାୟତ ନିଜ ଖର୍ଚ୍ଚରେ ଆବଶ୍ୟକ ପଦକ୍ଷେପ ନେଇପାରିବ;

  ସ୍ୱାସ୍ଥ୍ୟୋନ୍ନତି ପାଇଁ ଗ୍ରାମ ପଞ୍ଚାୟତ କୌଣସି ଜମି ଓ ଘରବାଡି ମାଲିକଙ୍କୁ ପାଇଖାନା, ପରିସ୍ରାଗାର, ପାଣିଟାଙ୍କି, ନାଳ, ମଇଳା କୂଅ ଇତ୍ୟାଦିର ମଇଳାକୁ ବନ୍ଦ କରିବା ପାଇଁ ଓ ପରିଷ୍କାର କରିବା ପାଇଁ ଆଦେଶ ଦେବ;

- ଯଦି ଗ୍ରାମ ପଞ୍ଚାୟତ ଉଚିତ୍ ମନେକରେ, ଘରୋଇ ନାଳ ତିଆରି କରାଇ ପାରିବ ବା ତିଆରି କରିବାପାଇଁ ଜମି ବା ଘରର ମାଲିକଙ୍କୁ ନୋଟିସ୍ ଦେବ;
- ହାଟ, ଗ୍ରାମର ମେଳା, ଯାନିଯାତ୍ରା, ଉତ୍ସବ, ବଜାର ଇତ୍ୟାଦିରେ ସାଇକେଲ୍, ଶଗଡ଼ ଗାଡ଼ି ଷ୍ଟାଣ୍ଡ୍ ସ୍ଥାପନ ଓ ରକ୍ଷଣା ବେକ୍ଷଣ ତଥା ତାର ନିୟନ୍ତ୍ରଣ କରିବ;
- ଗ୍ରାମ ପଞ୍ଚାୟତ ବିନା ଅନୁମତିରେ କୌଣସି ଲୋକ ହାଟରେ ଗୃହପାଳିତ ପଶୁ କିମ୍ବା ଅନ୍ୟ ଜିନିଷପତ୍ର ବିକ୍ରି କରିପାରିବେ ନାହିଁ;
- ଯାତାୟାତ ରାସ୍ତା କଡ଼ରେ ଜିନିଷ ବିକ୍ରି କରିବା ପାଇଁ ଗ୍ରାମ ପଞ୍ଚାୟତ ନିଷେଧ କରିପାରିବ;
- ଅନିଷ୍ଟକର ଏବଂ ମାରାତ୍ମକ ବାଣିଜ୍ୟ ବ୍ୟବସାୟକୁ ନିୟନ୍ତ୍ରଣ ଏବଂ ବନ୍ଦ କରିପାରିବ;
- ବୁଲା ଓ ପାଗଳା କୁକୁରଙ୍କୁ ମାରିପାରିବ;
- କୌଣସି ବ୍ୟକ୍ତିର ମୃତ୍ୟୁ ଘଟିବାର ୨୪ ଘଣ୍ଟା ମଧ୍ୟରେ ଯଦି ଶବଦାହ ନ କରାଯାଏ, ତେବେ ଗ୍ରାମ ପଞ୍ଚାୟତ ମୃତ ପରିବାରଠାରୁ ପଇସା ଆଦାୟ କରି ସେମାନଙ୍କର ଧର୍ମ ଅନୁସାରେ ପୋଡ଼ି ପାରିବ ବା ପୋତି ପାରିବ । ଯଦି ମୃତ ବ୍ୟକ୍ତିର କେହି ସମ୍ପର୍କୀୟ ନ ଥିବେ, ତେବେ ଗ୍ରାମ ପଞ୍ଚାୟତ ନିଜ ଖର୍ଚ୍ଚରେ ଶବ ଦାହକରିବାର ବ୍ୟବସ୍ଥା କରିବ;
- ଜୁଆଖେଳ ନିଷେଧ କରିବ ଏବଂ ତାକୁ ରୋକିବା ପାଇଁ କାର୍ଯ୍ୟକ୍ରମ ଲାଗୁକରିବ ।

## କର୍ତ୍ତବ୍ୟ

ସାଧାରଣତଃ ଗ୍ରାମ ପଞ୍ଚାୟତର କର୍ତ୍ତବ୍ୟ ଦୁଇ ପ୍ରକାରର ଅଟେ । ଯଥା :- ବାଧ୍ୟତାମୂଳକ ଓ ସ୍ୱେଚ୍ଛାକୃତ ।

## ବାଧ୍ୟତାମୂଳକ କାର୍ଯ୍ୟ

- ରାସ୍ତା ନିର୍ମାଣ, ନାଳ ନିର୍ମାଣ, ଜଳଭଣ୍ଡାର ନିର୍ମାଣ, ପ୍ରାଥମିକ ବିଦ୍ୟାଳୟ ସ୍ଥାପନ, ଗ୍ରାମ୍ୟଗୃହ ନିର୍ମାଣ, ଏହାର ମରାମତି, ରକ୍ଷଣାବେକ୍ଷଣ ଓ ବିକାଶ ;
- ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଆଲୋକ, ଜଳ ଓ ପରିଷ୍କାର ପରିଚ୍ଛନ୍ନତାର ବ୍ୟବସ୍ଥା;
- ନର୍ଦ୍ଦମା ପାଣି, ମଇଳା ପାଣି ଏବଂ ସର୍ବସାଧାରଣ ପାଇଖାନା, ପରିସ୍ରାଗାର ଏବଂ ଅନ୍ୟାନ୍ୟ ଅପରିଷ୍କାର ଜାଗାକୁ ପରିଷ୍କାର କରାଇବା ବ୍ୟବସ୍ଥା;
- ସଂକ୍ରାମକ ରୋଗ, ଯଥା:- ହଇଜା, ବସନ୍ତ, ମିଳିମିଳା ଇତ୍ୟାଦି ମାରାତ୍ମକ ରୋଗ ଯେପରି ନ ବ୍ୟାପେ ସେଥିପାଇଁ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା;

- ନିର୍ଦ୍ଧାରିତ ରେଜିଷ୍ଟାରରେ ଜନ୍ମ, ମୃତ୍ୟୁ ଓ ବିବାହ ରେଜିଷ୍ଟ୍ରେସନ କରାଇବା;
- ପ୍ରାଥମିକ ଶିକ୍ଷାପାଇଁ ପ୍ରାଥମିକ ବିଦ୍ୟାଳୟ ଗଠନ ଏବଂ ତାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ସାହାଯ୍ୟ ବ୍ୟବସ୍ଥା;
- କୃଷି ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଯୋଜନା ତିଆରି କରିବା । ଉନ୍ନତ କୃଷି ପ୍ରଣାଳୀ ଏବଂ ଫସଲନାଶକ କୀଟ ନିୟନ୍ତ୍ରଣ ଓ ଦୂରୀକରଣ ବ୍ୟବସ୍ଥା କରିବା;
- ଗ୍ରାମବାସୀଙ୍କ ଲାଭ ପାଇଁ ଗୋଚରଜମି ଓ ପଡ଼ିଆର ସଂରକ୍ଷଣ, ତାହାର ପରିଚାଳନା ଏବଂ ତଦାରଖ କରିବା;
- ଜନସଂଖ୍ୟା ଓ ପଶୁସଂଖ୍ୟା ସମ୍ପର୍କୀୟ ରେକର୍ଡର ରକ୍ଷଣାବେକ୍ଷଣ;
- ଗୋରୁ ବିକ୍ରୟର ରେଜିଷ୍ଟ୍ରେସନ ବ୍ୟବସ୍ଥା;
- ଗୋରୁଗାଈ ଯିବା ଆସିବା ପାଇଁ ଫସଲ ଯେପରି ନଷ୍ଟ ହେବନାହିଁ ତାର ବ୍ୟବସ୍ଥା;
- ଗ୍ରାମ ଜମି ଏବଂ ଗ୍ରାମ ସୀମା ନିର୍ଦ୍ଧାରଣର ପର୍ଯ୍ୟବେକ୍ଷଣ, ରକ୍ଷଣାବେକ୍ଷଣ ଓ ଗ୍ରାମ ରେକର୍ଡପତ୍ରର ରକ୍ଷଣାବେକ୍ଷଣ ବ୍ୟବସ୍ଥା;
- ମୃତ୍ତିକା ସଂରକ୍ଷଣ (ସଏଲ କନଜରଭେସନ) କାର୍ଯ୍ୟଗୁଡ଼ିକର ତଦାରଖ ଓ ତତ୍ତ୍ୱାବଧାନ;
- ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକଳାଙ୍ଗ ତଥା ମାନସିକ ରୋଗଗ୍ରସ୍ତ ଲୋକଙ୍କ କଲ୍ୟାଣର ବ୍ୟବସ୍ଥା;
- ସାଧାରଣ ଯୋଗାଣ ବ୍ୟବସ୍ଥା (କଣ୍ଟ୍ରୋଲ ଦୋକାନ);
- ଗୋଷ୍ଠୀ ସମ୍ପତ୍ତି, ଯଥା:- ପୋଖରୀ, ଜଙ୍ଗଲ, ଗୋଚର ଜମିର ରକ୍ଷଣାବେକ୍ଷଣ;
- କ୍ଷୁଦ୍ର ଶିଳ୍ପର ବିକାଶ;
- ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସମ୍ପତ୍ତିର ସୁରକ୍ଷା, ରକ୍ଷଣାବେକ୍ଷଣ ଏବଂ ଉନ୍ନତି ବ୍ୟବସ୍ଥା ।

## ସ୍ୱେଚ୍ଛାକୃତ କାର୍ଯ୍ୟ

- ଗ୍ରାମ ପଞ୍ଚାୟତ ହାତରେ ଯେଉଁସବୁ ସର୍ବସାଧାରଣ ରାସ୍ତା ଓ ସ୍ଥାନ ଅଛି, ତା ପାର୍ଶ୍ୱରେ ଓ ସେଥିରେ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ;
- ରାଜ୍ୟ ସରକାର ଯେଉଁସବୁ ଜଙ୍ଗଲକୁ ଗ୍ରାମ୍ୟ ଜଙ୍ଗଲ ବୋଲି ଘୋଷଣା କରିଥିବେ, ତାହାର ରକ୍ଷଣାବେକ୍ଷଣ
- ଉନ୍ନତ ପ୍ରଜନନ ଉପାୟରେ ଉନ୍ନତ ଧରଣର ଜୀବଜନ୍ତୁ ଉତ୍ପତ୍ତି କରିବା, ପଶୁମାନଙ୍କର ଚିକିତ୍ସା ଓ ପଶୁରୋଗ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ;
- ସମବାୟ ସମିତି ଗଠନ ଓ ଉନ୍ନତ ଧରଣର ବିହନ, ଯନ୍ତ୍ରପାତି ପାଇଁ ସମବାୟ ଭଣ୍ଡାର ପ୍ରତିଷ୍ଠା କରିବା । ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର ସାମୂହିକ ପରିଚାଳନାର ବ୍ୟବସ୍ଥା, ସାମୂହିକ ଗୋ-ଶାଳା ଏବଂ ଡାଇରୀଫାର୍ମ ସ୍ଥାପନ କରିବା;

- ❖ ସର୍ବସାଧାରଣ ସ୍ଥାନରେ ପୁସ୍ତକାଗାର, ପାଠାଗାରର ପ୍ରତିଷ୍ଠା, ବାଦ୍ୟଯନ୍ତ୍ର ଯୋଗାଣ, ଚିତ୍ତବିନୋଦନ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଣ ଏବଂ ସେସବୁର ରକ୍ଷଣାବେକ୍ଷଣ;
- ❖ ନାରୀ ମଙ୍ଗଳ ଓ ଶିଶୁମଙ୍ଗଳ କାର୍ଯ୍ୟକ୍ରମ ଗ୍ରହଣ ଏବଂ ସେଥିପାଇଁ କେନ୍ଦ୍ର ସ୍ଥାପନ;
- ❖ କୁଟୀର ଶିଳ୍ପର ବିକାଶ ଏବଂ ବାଣିଜ୍ୟ ଓ ଅର୍ଥ ଉପାର୍ଜନକ୍ଷମ ଯୋଜନାର ବ୍ୟବସ୍ଥା କରିବା;
- ❖ ଗ୍ରାମ ପଞ୍ଚାୟତକୁ ସାହାଯ୍ୟ କରିବା ପାଇଁ ସ୍ୱେଚ୍ଛାସେବକ ଦଳ ଗଠନ;
- ❖ ଦୁର୍ଭିକ୍ଷ ଏବଂ ଅନ୍ୟାନ୍ୟ ବିପଦ ପଡ଼ିଲେ ସାହାଯ୍ୟ କରିବା;
- ❖ ନୌଚାଳନା ଘାଟ, ଖରାଦିନିଆ ଅସ୍ଥାୟୀ ରାସ୍ତା (ଫେୟାର ୱେଦର ରୋଡ଼) କାଞ୍ଜିଆହୁଦା ପ୍ରତିଷ୍ଠା, ଏହାର ରକ୍ଷଣାବେକ୍ଷଣ ଓ ସେଥିରେ ଟିକସ (ଫିସ୍) ଲାଗୁ କରିବା;
- ❖ ଆମୋଦ ପ୍ରମୋଦ, କ୍ରୀଡା କୌତୁକ ପାଇଁ ଆଖଡ଼ା, କ୍ଲବ, ଚିତ୍ତ ବିନୋଦନ କେନ୍ଦ୍ର ଗଠନ କରିବା ଓ ରକ୍ଷଣାବେକ୍ଷଣ;
- ❖ ଧର୍ମଶାଳା, ଆଶ୍ରୟସ୍ଥାନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ;
- ❖ ମନୁଷ୍ୟ ଓ ଗାଈଗୋରୁଙ୍କୁ ଟିକା ଦେବା ବ୍ୟବସ୍ଥା;
- ❖ ପୌଢ଼ ଶିକ୍ଷାର ବ୍ୟବସ୍ଥା ଏବଂ ଅନ୍ୟ ଗ୍ରାମ ପଞ୍ଚାୟତ ସହିତ ମିଳିତ ଭାବରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା;
- ❖ କୃଷି ଓ ଶିଳ୍ପ ଭିତ୍ତିକ ପ୍ରଦର୍ଶନୀମାନ ଅନୁଷ୍ଠିତ କରିବା ଏବଂ ପରିଚାଳନା କରିବା;
- ❖ କଂସେଇଖାନା ତିଆରି, ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ କରିବା;
- ❖ ନିଆଁଲିଭା ଦଳ ଗଠନ କରି ଧନଜୀବନକୁ ନିଆଁ ଦାଉରୁ ରକ୍ଷା କରିବା;
- ❖ ବେକାରୀ ସଂଖ୍ୟା ପରିଗଣନା କରିବା;
- ❖ ଅପମିଶ୍ରିତ (ଭେଜାଲ) ଖାଦ୍ୟ ସାମଗ୍ରୀ ତଥା ସ୍ୱାସ୍ଥ୍ୟହାନୀ ଘଟାଉଥିବା ଖାଦ୍ୟ ସାମଗ୍ରୀର ବିକ୍ରି ଉପରେ ନିୟନ୍ତ୍ରଣ କରିବା ଏବଂ ଏ ବିଷୟରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ।

## ଗ୍ରାମ ପଞ୍ଚାୟତର କ୍ଷମତା ଓ କାର୍ଯ୍ୟ

୭୩ତମ ସଂବିଧାନ ସଂଶୋଧନ ଆଇନ୍ ଅନୁସାରେ ବର୍ତ୍ତମାନ ଗ୍ରାମ ପଞ୍ଚାୟତ ନିମ୍ନଲିଖିତ କାର୍ଯ୍ୟ କରିବା ପାଇଁ କ୍ଷମତା ସଂପନ୍ନ ଅଟେ ।

୧. କୃଷିର ପ୍ରସାର;

୨. ଭୂ- ଉନ୍ନୟନ, ଭୂ-ସଂସ୍କାର, ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା;

୩. କ୍ଷୁଦ୍ର ଜଳସେଚନ, ଜଳ ଯୋଗାଣ ଓ ଅବବାହିକାର ଉନ୍ନୟନ;

୪. ପଶୁପାଳନ;

୫. ମତ୍ସ୍ୟପାଳନ;

୬. ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ବନୀକରଣ;

୭. ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ;

୮. ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ;

୯. ଖଦି, ଗ୍ରାମ୍ୟ ଓ କୁଟୀର ଶିଳ୍ପ;

୧୦. ଗ୍ରାମ୍ୟ ବାସଗୃହ;

୧୧. ପାନୀୟ ଜଳ;

୧୨. ଜାଳେଣୀ, ଘାସ ତୃଣାଦି ପଶୁଖାଦ୍ୟ;

୧୩. ରାସ୍ତା, ନାଳ, ପୋଲ, ଘାଟ, ଜଳପଥ ଏବଂ ଗମନାଗମନର ଅନ୍ୟାନ୍ୟ ଉପାୟ;

୧୪. ବିଦ୍ୟୁତ୍ ବଣ୍ଟନ ସମେତ ଗ୍ରାମ୍ୟ ବିଦ୍ୟୁତ୍‌କରଣ;

୧୫. ଅଣ ପାରମ୍ପରିକ ଶକ୍ତି ଉତ୍ସ;

୧୬. ଦାରିଦ୍ର୍ୟ ଦୂରୀକରଣ ଯୋଜନା;

୧୭. ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସମେତ ଶିକ୍ଷା;

୧୮. ବୈଷୟିକ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ଶିକ୍ଷା;

୧୯. ପୌଢ଼ ଏବଂ ଅଣ ଆନୁଷ୍ଠାନିକ ଶିକ୍ଷା;

୨୦. ପାଠାଗାର;

୨୧. ସାଂସ୍କୃତିକ କାର୍ଯ୍ୟକ୍ରମ;

୨୨ ବଜାର ଏବଂ ମେଳା;

୨୩. ହସପିଟାଲ୍, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡିସପେନସରୀ ସମେତ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା;

୨୪. ପରିବାର କଲ୍ୟାଣ;

୨୫. ମହିଳା ଓ ଶିଶୁ ବିକାଶ;

୨୬ ଶାରୀରିକ ଅକ୍ଷମ ଏବଂ ମାନସିକ ଦୁର୍ବଳ ବ୍ୟକ୍ତିଙ୍କର କଲ୍ୟାଣ ସମେତ ସମାଜ ମଙ୍ଗଳ;

୨୭. ଦୁର୍ବଳଶ୍ରେଣୀ ବିଶେଷତଃ ତପସିଲଭୁକ୍ତ ଜାତି ଓ ଉପଜାତିର କଲ୍ୟାଣ;

୨୮. ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ବା ପଦ୍ଧତିର ପରିଚାଳନା;

୨୯. ଗୋଷ୍ଠୀ ସଂପଦର ରକ୍ଷଣାବେକ୍ଷଣ ।

# ୱାର୍ଡ଼ମେମ୍ବର, ନାଏବସରପଞ୍ଚ, ସରପଞ୍ଚ ଓ ସମ୍ପାଦକଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

## ୱାର୍ଡମେମ୍ବରଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

**ନିମ୍ନଲିଖିତ ବିଷୟଗୁଡ଼ିକ ୱାର୍ଡମେମ୍ବରଙ୍କ କ୍ଷମତା ଏବଂ କର୍ତ୍ତବ୍ୟର ପରିସରଭୁକ୍ତ :**

- ସରପଞ୍ଚଙ୍କୁ ଆଗରୁ ନୋଟିସ୍ ଦେଇ ଯେକୌଣସି ଦିନ ଅଫିସ୍ ସମୟ ମଧ୍ୟରେ ଗ୍ରାମ ପଞ୍ଚାୟତର କାଗଜପତ୍ର (ରେକର୍ଡ) ତଦାରଖ କରିପାରିବେ।
- ଗ୍ରାମ ପଞ୍ଚାୟତର ପ୍ରଶାସନ ସମ୍ବନ୍ଧୀୟ ବିଷୟ ଉପରେ ପ୍ରସ୍ତାବ ଆଗତ କରିପାରିବେ ।
- ଗ୍ରାମ ପଞ୍ଚାୟତର କର୍ମକର୍ତ୍ତା(ସରପଞ୍ଚ, ନାଏବ ସରପଞ୍ଚ, ସମ୍ପାଦକ) ଙ୍କୁ ପଞ୍ଚାୟତର ପ୍ରଶାସନ ସଂପର୍କୀୟ ବିଷୟ ଉପରେ ପ୍ରଶ୍ନ କରିପାରିବେ ।
- ଗ୍ରାମ ପଞ୍ଚାୟତଦ୍ୱାରା ନିର୍ଦ୍ଦେଶିତ, ପରିଚାଳିତ ବା ନିୟନ୍ତ୍ରିତ ସମସ୍ତ ଅନୁଷ୍ଠାନଗୁଡ଼ିକୁ ତଦାରଖ କରିପାରିବେ ।
- ତଦାରଖ ସମୟରେ ପାଇଥିବା ଦୋଷତ୍ରୁଟିକୁ ସରପଞ୍ଚଙ୍କ ଦୃଷ୍ଟିକୁ ଆଣିବେ ।
- ପଲ୍ଲୀ ସଭା ବୈଠକରେ ସଭାପତିତ୍ୱ କରିବେ ।
- ସରପଞ୍ଚ ଏବଂ ନାଏବସରପଞ୍ଚ ଉଭୟଙ୍କ ସ୍ଥାନ ଯଦି ଖାଲି ପଡ଼େ କିମ୍ବା ୧୫ ଦିନ ପାଇଁ ଉଭୟେ ଅନୁପସ୍ଥିତ ରହନ୍ତି, ତେବେ ସେଭଳି ବିଶେଷ ପରିସ୍ଥିତିରେ ନିର୍ଦ୍ଧାରିତ ନିୟମ ଏବଂ ପ୍ରଣାଳୀ ଭିତ୍ତିରେ କୌଣସି ଜଣେ ୱାର୍ଡ଼ମେମ୍ବର ଅଫିସିଏଟିଂ ସରପଞ୍ଚ ଭାବେ କାର୍ଯ୍ୟ କରିପାରିବେ ।

## ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

**ନିମ୍ନଲିଖିତ ବିଷୟଗୁଡ଼ିକ ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟର ପରିସରଭୁକ୍ତ :**

- ଗ୍ରାମ ପଞ୍ଚାୟତର ପ୍ରାଶାସନିକ କ୍ଷମତା ସରପଞ୍ଚଙ୍କୁ ଦିଆଯାଇଛି ।
- ଏହି କ୍ଷମତା ସରପଞ୍ଚ ଗ୍ରାମ ପଞ୍ଚାୟତର ସିଦ୍ଧାନ୍ତ ଅନୁସାରେ ବ୍ୟବହାର କରିପାରିବେ ।
- ସେ ଗ୍ରାମ ପଞ୍ଚାୟତର ବୈଠକ ଡକାଇବେ ଏବଂ ସେହି ବୈଠକରେ ସଭାପତିତ୍ୱ କରିବେ ଏବଂ ତାର ପରିଚାଳନା ଓ ନିୟନ୍ତ୍ରଣ କରିବେ ।

- ବୈଠକ ବିବରଣୀକୁ ଠିକ୍‌ଭାବେ ଲେଖାଲେଖି କରିବା ଏବଂ ତାର ରକ୍ଷଣାବେକ୍ଷଣ କରିବା ପାଇଁ ଦାୟୀ ରହିବେ ।
- ଗ୍ରାମ ପଞ୍ଚାୟତ ତରଫରୁ ଚୁକ୍ତିପତ୍ର ସଂପାଦନ କରିବେ।
- ଗ୍ରାମ ପଞ୍ଚାୟତର ସମସ୍ତ କାଗଜପତ୍ର, ଦଲିଲ ଏବଂ ନଗଦ ଟଙ୍କା ତଥା ସମସ୍ତ ସମ୍ପତ୍ତି ଓ ମୂଲ୍ୟବାନ ଜିନିଷପତ୍ରର ଦାୟିତ୍ୱରେ ରହିବେ ।
- ସେ ଗ୍ରାମ ପଞ୍ଚାୟତର ସଠିକ୍ କାର୍ଯ୍ୟ ସମ୍ପାଦନ ପାଇଁ ଦାୟୀ ହେବେ ।
- ଗ୍ରାମ ପଞ୍ଚାୟତର ଆବଶ୍ୟକୀୟ ରିପୋର୍ଟ ବା ବିବରଣୀ ତିଆରି କରାଇବେ ।
- ଗ୍ରାମ ପଞ୍ଚାୟତର ଅଧୀନରେ ଥିବା ସମସ୍ତ ଅଫିସର ଏବଂ କର୍ମଚାରୀମାନଙ୍କର କାର୍ଯ୍ୟଗୁଡ଼ିକୁ ତଦାରଖ କରିବେ ଏବଂ ସେମାନଙ୍କୁ ନିୟନ୍ତ୍ରଣ କରିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ ଚିଠିପତ୍ର ଆଦାନପ୍ରଦାନର କ୍ଷମତା ତାଙ୍କର ରହିଛି ।
- ଗ୍ରାମ ପଞ୍ଚାୟତ ଅଧିନରେ ଥିବା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛୁଟିରେ ଗଲେ, ତାଙ୍କର ଛୁଟି ଦରଖାସ୍ତ ମଞ୍ଜୁର କରିବା ।

## ନାଏବ ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

### ନାଏବ ସରପଞ୍ଚଙ୍କର କ୍ଷମତା ଏବଂ କର୍ତ୍ତବ୍ୟଗୁଡ଼ିକ ହେଲା :

- କୌଣସି କ୍ଷମତା ପ୍ରୟୋଗ, କର୍ତ୍ତବ୍ୟ ପାଳନ ବା କାର୍ଯ୍ୟ ସଂପାଦନ ପାଇଁ ସରପଞ୍ଚଙ୍କଠାରୁ ଲିଖିତ ଭାବେ ଅଧିକାର ପାଇଲେ ସେହି ଅନୁସାରେ ନାଏବ ସରପଞ୍ଚ କାମ କରିବେ ।
- କୌଣସି କାରଣରୁ ଯଦି ସରପଞ୍ଚଙ୍କ ସ୍ଥାନ ଖାଲି ପଡ଼େ, ତେବେ ନୂଆ ସରପଞ୍ଚ ନିର୍ବାଚନ ହେବା ପର୍ଯ୍ୟନ୍ତ ସରପଞ୍ଚଙ୍କ ସମସ୍ତ କ୍ଷମତା ପ୍ରୟୋଗ ଓ କର୍ତ୍ତବ୍ୟ ପାଳନ କରିବେ ।
- ସରପଞ୍ଚ ଯେକୌଣସି କାରଣରୁ ଯଦି ଲଗାତାର ଭାବେ ୧୫ ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ରହନ୍ତି, ତେବେ ସେହି ସମୟରେ ସେ ପଞ୍ଚାୟତର କାର୍ଯ୍ୟ ଚଳାଇବେ ।
- ସରପଞ୍ଚଙ୍କ ଅନୁପସ୍ଥିତିରେ ଗ୍ରାମ ପଞ୍ଚାୟତ ବୈଠକରେ ସଭାପତିତ୍ୱ କରିପାରିବେ ।
- ଗ୍ରାମ ପଞ୍ଚାୟତ ପାଣ୍ଠିରୁ ଟଙ୍କା ଉଠାଇବାବେଳେ ଚେକ୍ ବହିରେ ସରପଞ୍ଚଙ୍କ ଦସ୍ତଖତ ସହିତ ସେ ମଧ୍ୟ ଦସ୍ତଖତ କରିବେ ।

## ସମ୍ପାଦକଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

### ସମ୍ପାଦକଙ୍କ କ୍ଷମତା ଏବଂ କର୍ତ୍ତବ୍ୟଗୁଡ଼ିକ ହେଲା :

- ସମ୍ପାଦକ ଗ୍ରାମ ପଞ୍ଚାୟତ ବୈଠକରେ ବିବରଣୀ ଲେଖିବେ ।
- ଯେଉଁଦିନ ବୈଠକ ହୋଇଥିବ ସେହିଦିନଠାରୁ ସାତଦିନ ମଧ୍ୟରେ ସଂପୃକ୍ତ ବି.ଡି.ଓ. ଏବଂ ସବ୍‌କଲେକ୍ଟରଙ୍କ ପାଖକୁ ବୈଠକ ବିବରଣୀର ଏକ ନକଲ ପଠାଇବେ ।

- ଏହି ବୈଠକ ବିବରଣୀ ଏବଂ ପଞ୍ଚାୟତର ସମସ୍ତ ରେକର୍ଡପତ୍ରର ରକ୍ଷଣାବେକ୍ଷଣ କରିବେ ।
- ଗ୍ରାମ ପଞ୍ଚାୟତର କିମ୍ବା ଗ୍ରାମ ପଞ୍ଚାୟତଦ୍ୱାରା ନିର୍ଦ୍ଦେଶିତ, ପରିଚାଳିତ ଓ ନିୟନ୍ତ୍ରିତ ସମସ୍ତ ମୂଲ୍ୟବାନ ଜିନିଷପତ୍ର ଏବଂ ନଗଦ ଟଙ୍କା ଜିମାରେ ରହିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ ରେକର୍ଡ ଓ ଦଲିଲର ଜିମାରେ ରହିବେ ।

## ଅନୁସୂଚିତ ଅଞ୍ଚଳରେ ଗ୍ରାମ ସଭାର କ୍ଷମତା

ତଫସିଲଭୁକ୍ତ ଅଞ୍ଚଳ ବା ଅନୁସୂଚିତ ଅଞ୍ଚଳ ନିମନ୍ତେ କେନ୍ଦ୍ରସରକାର 'ଗ୍ରାମ ସଭା' ନିମନ୍ତେ କେତେକ ବିଶେଷ କ୍ଷମତା ପ୍ରଦାନ କରିଛନ୍ତି, ଯାହାକି ୨୪.୧୨.୯୪ରୁ ଲାଗୁହୋଇଅଛି । ଏହାର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା :-

- ଗ୍ରାମ ସଭା ଜନସାଧାରଣଙ୍କ ପରମ୍ପରା, ରୀତିନୀତି, ସାଂସ୍କୃତିକ ପରିଚୟ, ସାମୁଦାୟିକ ସମ୍ପଦ ଏବଂ ବିବାଦ ସମାଧାନ ନିମନ୍ତେ ପ୍ରଚଳିତ ପାରମ୍ପରିକ ରୀତିର ସଂରକ୍ଷଣ ତଥା ଏସବୁ ବଜାୟ ରଖିବାକୁ ସକ୍ଷମ ହେବ ।
- ଗ୍ରାମବାସୀଙ୍କ ସଂସ୍କୃତି, ଚାଲିଚଳନ, ରୀତିନୀତି ଉପରେ ବାହାର ସଂସ୍କୃତିକୁ ଜବରଦସ୍ତ ଲଦି ଦିଆ ଯାଇପାରିବ ନାହିଁ ।

## ଗ୍ରାମ ସଭାର କ୍ଷମତା : କେତୋଟି ବିଶେଷ ବ୍ୟବସ୍ଥା

୧. **ସାମାଜିକ :** ମଦ ନିଷିଦ୍ଧ, ମାଦକ ଦ୍ରବ୍ୟର ବିକ୍ରି ଏବଂ ବ୍ୟବହାର ବନ୍ଦ କରିବା କିମ୍ବା ନିୟନ୍ତ୍ରଣ କରିବା ।

୨. **ଗାଁର ଜମିବାଡ଼ିର ସୁରକ୍ଷା :** ଜବରଦଖଲ ଉପରେ ନିୟନ୍ତ୍ରଣ କରିବା, ବେଆଇନ ଭାବରେ କାହାରି ଜମି ଚାଲିଯାଇଥିଲେ ଫେରସ୍ତ ଆଣିବା ।

୩. **ଭୂ-ଅର୍ଜନ :** ସରକାର କୌଣସି ଯୋଜନା ନିମନ୍ତେ ଗାଁର କାହାରି ଜମି ଅର୍ଜନ ବା ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମ ସଭାର ପରାମର୍ଶ ନେବାକୁ ବାଧ୍ୟ ।

୪. **ଲଘୁ ବନଜାତ ଦ୍ରବ୍ୟ :** ସଂଗ୍ରହ ପ୍ରକ୍ରିୟାକରଣ ଓ ବିକ୍ରୟ ଉପରେ ଗ୍ରାମ ସଭାର ସମ୍ପୂର୍ଣ୍ଣ ମାଲିକାନା ।

୫. **ଜଳସମ୍ପଦ :** ଛୋଟ ଜଳଯୋଜନାର ନିର୍ମାଣ ଏବଂ ପରିଚାଳନା

୬. **ଗୌଣ ଖଣିଜ ପଦାର୍ଥ :**

(କ) ଯେକୌଣସି ସର୍ବେକ୍ଷଣ କରିବା ପୂର୍ବରୁ ଗ୍ରାମ ସଭାର ଅନୁମତି ନେବାକୁ ପଡ଼ିବ ।

(ଖ) ଉତ୍ତୋଳନ ନିମନ୍ତେ ପଟ୍ଟା ଦେବା ପୂର୍ବରୁ ଅନୁମତି ନେବାକୁ ହେବ ।

(ଗ) ନିଲାମ ଦେବାଠାରୁ ଖଣି ଖୋଳିବା ଯାଏ ପ୍ରତି ପଦକ୍ଷେପରେ ଗ୍ରାମ ସଭାର ସୁପାରିଶ ନେବାକୁ ହେବ ।

୭. **ଗାଁର ବଜାର :** ପରିଚାଳନା ଏବଂ ନିୟନ୍ତ୍ରଣ କରିବାର ପୂର୍ଣ୍ଣ ଅଧିକାର ।

୮. **କରଜ, ଋଣ ଆଦାନ ପ୍ରଦାନ :** ଆଦିବାସୀଙ୍କୁ ଦିଆଯାଉଥିବା ସମସ୍ତ ପ୍ରକାର ଋଣ ଆଦାନ ପ୍ରଦାନ ଉପରେ ନିୟନ୍ତ୍ରଣ ।

୯. ବିକାଶ କାର୍ଯ୍ୟକ୍ରମ

(କ) କାର୍ଯ୍ୟକାରୀ ହେବା ପୂର୍ବରୁ ମଞ୍ଜୁର କରିବା ।

(ଖ) ଉପକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାରେ ପୂର୍ଣ୍ଣ ଅଧିକାର ।

(ଗ) ବିସ୍ଥାପିତ ବ୍ୟକ୍ତିଙ୍କ ଥଇଥାନ ପୂର୍ବରୁ ପରାମର୍ଶ ନେବା ।

୧୦. **ଆର୍ଥିକ କ୍ଷମତା :**

(କ) ସ୍ଥାନୀୟ ଯୋଜନା ନିମନ୍ତେ ଆସୁଥିବା ଅର୍ଥ ଉପରେ ଗ୍ରାମ ସଭାର ପୂର୍ଣ୍ଣ ନିୟନ୍ତ୍ରଣ ।

(ଖ) ଗାଁରେ ହେଉଥିବା ପ୍ରତ୍ୟେକ ଖର୍ଚ୍ଚ ନିମନ୍ତେ ଗ୍ରାମ ସଭାର ପ୍ରମାଣପତ୍ର ନେବାକୁ ହେବ।

୧୧. **ସଂସ୍ଥା ଏବଂ କର୍ମଚାରୀଙ୍କ ଉପରେ ନିୟନ୍ତ୍ରଣ :** ସାମାଜିକ କ୍ଷେତ୍ର ସମ୍ପର୍କୀୟ ସମସ୍ତ ସଂସ୍ଥା ଏବଂ କର୍ମକର୍ତ୍ତାଙ୍କ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ।

**ଗାଆଁର ମାଟି, ପାଣି ଓ ବନ**
**ଏହିସବୁ ଗାଁ ଲୋକଙ୍କ ଧନ ।**

## ଆମ ଶାସନ ବ୍ୟବସ୍ଥାରେ କେଉଁଠାରେ କିଏ :

| କେଉଁଠାରେ | ଅନୁଷ୍ଠାନର ନାମ | କେଉଁମାନେ ସଦସ୍ୟ /ସଦସ୍ୟା | ଶାସନର ଦାୟିତ୍ୱ |
|---|---|---|---|
| କ. ଦିଲ୍ଲୀ (କେନ୍ଦ୍ର କରକାର) | **ଲୋକ ସଭା** | ନିର୍ବାଚିତ ସଦସ୍ୟ ବା ଏମ୍.ପି<br>ନିର୍ବାଚିତ ଓ ମନୋନୀତ ସଭ୍ୟ / ସଭ୍ୟା ବା ଏମ୍.ପି. | କେନ୍ଦ୍ର ମନ୍ତ୍ରୀମଣ୍ଡଳ |
| ଖ. ଭୁବନେଶ୍ୱର (ରାଜ୍ୟ ସରକାର) | **ବିଧାନ ସଭା** | ନିର୍ବାଚିତ ସଦସ୍ୟ / ସଦସ୍ୟା ବା ଏମ୍.ଏଲ.ଏ | ରାଜ୍ୟ ମନ୍ତ୍ରୀମଣ୍ଡଳ |
| ଗ. ଗ୍ରାମ ପଞ୍ଚାୟତ (ପଞ୍ଚାୟତି ସରକାର) | **ଗ୍ରାମ ସଭା** | ଗ୍ରାମ ପଞ୍ଚାୟତରେ ଥିବା ପ୍ରତ୍ୟେକ ଗ୍ରାମର ସମସ୍ତ ଭୋଟର | ସରପଞ୍ଚ ଓ ଅନ୍ୟାନ୍ୟ |
| ଘ. ଗ୍ରାମ | **ପଲ୍ଲୀ ସଭା** | ଗୋଟିଏ ରାଜସ୍ୱ ଗ୍ରାମରେ ରହୁଥିବା ସମସ୍ତ ଭୋଟର | ନିର୍ବାଚିତ ପ୍ରତିନିଧି |

(ବ୍ଲକ୍ ସ୍ତରରେ ପଞ୍ଚାୟତ ସମିତି ଏବଂ ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦ ମଧ୍ୟ ପଞ୍ଚାୟତି ଶାସନର ଅନ୍ୟ ଦୁଇଟି ଅଙ୍ଗ)

## ଗ୍ରାମସଭାର କ୍ଷମତା ସଂପର୍କୀୟ ଓଡ଼ିଶାର କେତୋଟି ନିୟମାବଳୀ :

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାର ଆଧାରରେ ଓଡ଼ିଶା ସରକାର ପଞ୍ଚାୟତି ରାଜ ନିୟମାବଳୀରେ ଗ୍ରାମ ସଭା ବା ଗ୍ରାମ ଶାସନକୁ କେତେକ ବିଶେଷ କ୍ଷମତା ଦେବା ନିମନ୍ତେ ଗତ ୨୨.୧୨.୯୭ରେ ଏକ ସଂଶୋଧିତ ନିୟମାବଳୀ ଘୋଷଣା କରିଅଛନ୍ତି । ଏହି ସଂଶୋଧିତ ନିୟମାବଳୀର କିଛି ଅଂଶର ଓଡ଼ିଆ ରୂପାନ୍ତର ନିମ୍ନରେ ପ୍ରକାଶ କରୁଅଛୁଁ । ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକ୍ରମେ ଏହି ସଂଶୋଧିତ ନିୟମାବଳୀ ତା: ୨୨.୧୨.୧୯୯୭ରେ ଲାଗୁ ହୋଇସାରିଛି ।

## ଓଡ଼ିଶା ଗ୍ରାମ ପଞ୍ଚାୟତ (ସଂଶୋଧନ) ଅଧିନିୟମ, ୧୯୯୭

### ଓଡ଼ିଶାର ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪କୁ ଅଧିକ ସଂଶୋଧନ କରିବାକୁ ଅଧିନିୟମ

ଭାରତର ଗଣରାଜ୍ୟର ଅଠଚାଳିଶତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:

### ସଂକ୍ଷିପ୍ତ ନାମ

୧. ଏହି ଅଧିନିୟମ, ଓଡ଼ିଶା ଗ୍ରାମ ପଞ୍ଚାୟତ (ସଂଶୋଧନ) ଅଧିନିୟମ, ୧୯୯୭ ନାମରେ ଅଭିହିତ ହେବ ।

**ଧାରା -୧ର ସଂଶୋଧନ**

୨. ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ (ଏହାପରେ ମୂଳ ଅଧିନିୟମ ଭାବରେ ଉଲ୍ଲିଖିତ) ର ଧାରା- ୧ର ଉପଧାରା (୪) ଲୋପ ପାଇବ । (୧୯୬୫ର ଓଡ଼ିଶା ଅଧିନିୟମ)

**ଧାରା -୨ର ସଂଶୋଧନ**

୩. ମୂଳ ଅଧିନିୟମର ଧାରା- ୨ର ଖଣ୍ଡ (ନ) ପରେ ନିମ୍ନଲିଖିତ ଖଣ୍ଡ ଯୋଗକରାଯିବ : (ନ-୧) "ଅନୁସୂଚିତ କ୍ଷେତ୍ର" ଅର୍ଥ ସମ୍ବିଧାନର ଅନୁଚ୍ଛେଦ ୨୪୪ର ଖଣ୍ଡ (୧)ରେ ସୂଚିତ ଅନୁସୂଚିତ କ୍ଷେତ୍ର"

**ଧାରା - ୩ର ସଂଶୋଧନ**

୪. ମୂଳ ଅଧିନିୟମର ଧାରା- ୩ର ଉପଧାରା (୧)ର ସ୍ପଷ୍ଟୀକରଣ ପରେ ନିମ୍ନଲିଖିତ ପରନ୍ତୁକ ଯୋଗ କରାଯିବ :

**"ପରନ୍ତୁ ଏକ ବା ଏକାଧିକ ଗୋଷ୍ଠୀର ଲୋକମାନେ ସେମାନଙ୍କ ପରମ୍ପରା ଓ ପ୍ରଥା ଅନୁସାରେ ନିଜର ବ୍ୟାପାର ପରିଚାଳନା କରି ଯେଉଁ ବସତି ବା**

ବସତିପୁଞ୍ଜରେ ଅଥବା ପଲ୍ଲୀ ବା ପଲ୍ଲୀପୁଞ୍ଜରେ ବାସ କରୁଥିବେ, ଅନୁସୂଚିତ କ୍ଷେତ୍ରରେ ଏକ ଗ୍ରାମ ସାଧାରଣତଃ ସେଗୁଡ଼ିକୁ ନେଇ ଗଠିତ ହେବ।"

**ଧାରା - ୫ର ସଂଶୋଧନ**

୫. ମୂଳ ଅଧିନିୟମର ଧାରା ୫ରେ :

(୧) ଉପଧାରା (୩) ବଦଳରେ ନିମ୍ନଲିଖିତ ଉପଧାରା ପ୍ରତିସ୍ଥାପିତ ହେବ :

(୩) ଗ୍ରାମ ଶାସନର ନିମ୍ନଲିଖିତ କ୍ଷମତାମାନ ରହିବ -

(କ) ସାମାଜିକ ଓ ଅର୍ଥନୈତିକ ପ୍ରଗତି ନିମନ୍ତେ ଯୋଜନା, କାର୍ଯ୍ୟକ୍ରମ ଓ ପରିଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ସକାଶେ ଗ୍ରାମ ପଞ୍ଚାୟତ ହାତକୁ ନେବା ପୂର୍ବରୁ ଉକ୍ତ ଯୋଜନା, କାର୍ଯ୍ୟକ୍ରମ ଓ ପରିଯୋଜନାଗୁଡ଼ିକୁ ଅନୁମୋଦନ କରିବା;

(ଖ) ଦାରିଦ୍ର୍ୟ ଦୂରୀକରଣ ବା ସେପରି ଅନ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ହିତାଧିକାରୀ ରୂପେ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ବା ମନୋନୀତ କରିବା; ପରନ୍ତୁ ଖଣ୍ଡ (କ) ଓ (ଖ)ରେ ସୂଚିତ ଯୋଜନା, କାର୍ଯ୍ୟକ୍ରମ ଓ ପରିଯୋଜନା ନିମନ୍ତେ ଗ୍ରାମ ପଞ୍ଚାୟତ ଦେଇଥିବା ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ଗ୍ରାମ ଶାସନଠାରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ହାସଲ କରିବ;

(ଗ) ଅନୁପୂରକ ବା ସଂଶୋଧିତ ବଜେଟ୍ ସମେତ ଗ୍ରାମପଞ୍ଚାୟତର ବାର୍ଷିକ ବଜେଟ୍ ସଂକ୍ରାନ୍ତରେ ବିଚାରକରି ତାହାକୁ ଅନୁମୋଦନ କରିବା;

(ଘ) ସମସ୍ତ ପ୍ରକାରର କର, ରେଟ୍, ଖଜଣା ଓ ଫିସ୍ ବସାଇବା ସଂକ୍ରାନ୍ତରେ ବିଚାର କରିବା ଓ ସେଗୁଡ଼ିକର ହାର ବୃଦ୍ଧି କରିବା;

(ଙ) ଗୋଷ୍ଠୀ ସେବା ସଂଗଠିତ କରିବା ଓ କୃଷି ଉତ୍ପାଦନ ଯୋଜନାମାନ ପ୍ରସ୍ତୁତକରି ତାହାକୁ କାର୍ଯ୍ୟକାରୀ କରିବା;

(ଚ) ଯେଉଁସବୁ ବିଷୟଗୁଡ଼ିକ ଗ୍ରାମ ପଞ୍ଚାୟତ ତାହାର ନିଷ୍ପତ୍ତି ନିମନ୍ତେ ସୂଚିତ କରିବ, ତାହାକୁ ବିଚାର କରିବା;

(ଛ) ଏହା ଯେପରି ଆବଶ୍ୟକ ମନେ କରିବ; ଗ୍ରାମ ପଞ୍ଚାୟତଠାରୁ ସେପରି ସୂଚନା ଓ ତାରିଖ ମଗାଇବା; ଏବଂ

(ଜ) ଯେପରି ବିହିତ ହେବ ସେପରି ଅନ୍ୟ ବିଷୟ ବିଚାର କରିବା; ଏବଂ (୨) ଉପଧାରା (୫)ପରେ ନିମ୍ନଲିଖିତ ଉପଧାରା ଯୋଗ କରାଯିବ ।

(୬) ଅନୁସୂଚିତ କ୍ଷେତ୍ରରେ, ଗ୍ରାମ ଶାସନ ଆଇନ ଅନୁଯାୟୀ ଓ ସଂବିଧାନର ମୂଳ ନୀତି ଓ ମାନବିକ ଅଧିକାର ସହିତ ସଂଗତି ରକ୍ଷା କରି ଲୋକମାନଙ୍କର ପରମ୍ପରା ଓ ପ୍ରଥାକୁ ସୁରକ୍ଷା ଦେଇ ବଞ୍ଚାଇ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କର ସାଂସ୍କୃତିକ

**ବୈଶିଷ୍ଟ୍ୟ, ଗୋଷ୍ଠୀ ସମ୍ବଳ ଓ ପାରମ୍ପରିକ ରୀତିରେ ସେମାନଙ୍କର ବିବାଦ ସମାଧାନ କରିବାକୁ କ୍ଷମତାପନ୍ନ ହେବା ।**

**ଧାରା -୧୦ର ସଂଶୋଧନ**

୬. ମୂଳ ଅଧିନିୟମର ଧାରା-୧୦ରେ :- (୧) ଉପଧାରା (୩)ର ଖଣ୍ଡ (କ)ର ପରନ୍ତୁକ ପରେ ନିମ୍ନଲିଖିତ ପରନ୍ତୁକ ଯୋଗ କରାଯିବ-

**"ଅଧିକନ୍ତୁ ଅନୁସୂଚିତ କ୍ଷେତ୍ରରେ ସିଧାସଳଖ ନିର୍ବାଚନଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଅନ୍ୟୁନ ଅର୍ଦ୍ଧେକ ଆସନ ଅନୁସୂଚିତ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷିତ ହେବ;" ଏବଂ**

(୨) ଉପଧାରା(୫)ର ଖଣ୍ଡ(ଖ)ପରେ ନିମ୍ନଲିଖିତ ପରନ୍ତୁକ ଯୋଗ କରାଯିବ;

**"ପରନ୍ତୁ ଅନୁସୂଚିତ କ୍ଷେତ୍ରରେ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦଗୁଡ଼ିକ ଅନୁସୂଚିତ ଜନଜାତିର ଲୋକମାନଙ୍କପାଇଁ ସଂରକ୍ଷିତ ହେବ।"**

**ଧାରା - ୪୪ର ସଂଶୋଧନ**

୭. ମୂଳ ଅଧିନିୟମର ଧାରା ୪୪କୁ ସେହି ଧାରାର ଉପଧାରା(୧) ରୂପେ ପୁନଃ ସଂଖ୍ୟାକୃତ କରାଯିବ ଏବଂ ସେପରି ପୁନଃ ସଂଖ୍ୟାକୃତ ହୋଇଥିବା ଉପଧାରା(୧) ପରେ ନିମ୍ନଲିଖିତ ଉପଧାରା ଯୋଗକରାଯିବ :-

(୨) ଅନ୍ୟ କୌଣସି ବିଧିରେ ଯାହାକିଛି ଥିବା ସତ୍ତ୍ୱେ, **ଅନୁସୂଚିତ କ୍ଷେତ୍ରରେ ଗ୍ରାମ ଶାସନର ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣାଧିନ ହୋଇ ଗ୍ରାମ ପଞ୍ଚାୟତ ନିମ୍ନଲିଖିତ ବିଷୟଗୁଡ଼ିକ ସଂକ୍ରାନ୍ତରେ ଯେପରି ବିହିତ ହେବ ସେପରି ରୀତିରେ ଓ ସେପରି ବିସ୍ତାର ପର୍ଯ୍ୟନ୍ତ ନିଜର ସ୍ଥାନୀୟ ସୀମାମଧ୍ୟରେ ସେପରି କ୍ଷମତାମାନ ପ୍ରୟୋଗ କରିବ ଓ ସେପରି କୃତ୍ୟମାନ ସମ୍ପାଦନ କରିବ । ସେଗୁଡ଼ିକ ହେଲା :-**

(କ) **ନିଶା ନିବାରଣ ପ୍ରବର୍ତ୍ତନ ବା କୌଣସି ମାଦକଦ୍ରବ୍ୟର ବିକ୍ରୟ ଓ ବ୍ୟବହାର ଉପରେ ବି ନିୟମମାନ ବା କଟକଣା ଜାରି:**

(ଖ) **ଲଘୁ ଜଙ୍ଗଲଜାତ ଦ୍ରବ୍ୟର ମାଲିକାନା;**

(ଗ) **ଅନୁସୂଚିତ ଜନଜାତିର ଲୋକମାନଙ୍କ ଜମି ହସ୍ତାନ୍ତର, ନିବାରଣ ଓ ବେଆଇନଭାବେ ହସ୍ତାନ୍ତର ହୋଇଥିବା ଜମିର ପ୍ରତ୍ୟର୍ପଣ; ଏବଂ**

(ଘ) **ଅନୁସୂଚିତ ଜନଜାତିର ଲୋକମାନଙ୍କୁ ଧନ କରଜ ଦେବା ଉପରେ ନିୟନ୍ତ୍ରଣ।**

**ଧାରା - ୫୯ର ସଂଶୋଧନ**

୮. ମୂଳ ଅଧିନିୟମର ଧାରା ୫୯ରେ ନିମ୍ନଲିଖିତ ପରନ୍ତୁକ ଯୋଗ କରାଯିବ:-

**"ପରନ୍ତୁ ଅନୁସୂଚିତ କ୍ଷେତ୍ରମାନଙ୍କରେ ଗ୍ରାମ ଶାସନର ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣାଧୀନ ହୋଇ ଗ୍ରାମ ପଞ୍ଚାୟତର ଯେକୌଣସି ନାମରେ ନାମିତ ଗ୍ରାମ ହାଟଗୁଡ଼ିକୁ ପରିଚାଳନା କରିବା କ୍ଷମତା ରହିବ।"**

**ଧାରା - ୯୮ର ସଂଶୋଧନ**

୯. ମୂଳ ଅଧିନିୟମ ଧାରା -୯୮ରେ :- (କ) ଉପଧରା (୧)ର, "ଧାରା ୫ର ଉପଧାରା(୩)ରେ ଖଣ୍ଡ (କ) ଅନୁଯାୟୀ ତାହାର ସୁପାରିଶ" ଶବ୍ଦ, ଅକ୍ଷର, ବନ୍ଧନୀ ଓ ଅଙ୍କଗୁଡ଼ିକ ବଦଳରେ "ତାହାର ଅନୁମୋଦନ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ।

(ଖ) ଉପଧାରା(୨)ରେ "ଧାରା-୫ର ଉପଧାରା(୩)ର ଖଣ୍ଡ (ଘ) ଅନୁଯାୟୀ ତାହାର ସୁପାରିଶ"ଶବ୍ଦ, ଅକ୍ଷର, ବନ୍ଧନୀ ଓ ଅଙ୍କଗୁଡ଼ିକ ବଦଳରେ "ତାହାର ଅନୁମୋଦନ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ।

(ଗ) ଉପଧାରା(୩) ବଦଳରେ ନିମ୍ନଲିଖିତ ଉପଧାରା ପ୍ରତିସ୍ଥାପିତ ହେବ:-

**"(୩) ବାର୍ଷିକ ବଜେଟ୍ ବା ଯଥାସ୍ଥିତି, ଅନୁପୂରକ ବଜେଟ୍ ବା ସଂଶୋଧିତ ବଜେଟ୍‌କୁ ଗ୍ରାମ ଶାସନ ଅନୁମୋଦନ କରିବା ପରେ ଗ୍ରାମ ପଞ୍ଚାୟତ ତାହାକୁ ନିର୍ଦ୍ଦେଶକଙ୍କଦ୍ୱାରା ନିଯୁକ୍ତ ସବ୍‌ଡିଭିଜନାଲ ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଇବ ଏବଂ ସେ ବଜେଟକୁ ପରୀକ୍ଷା କରିବା ପାଇଁ ସକ୍ଷମ ହେବେ ଓ ଗ୍ରାମ ପଞ୍ଚାୟତକୁ ନିଜର ଟିପ୍‌ପଣୀ ଦେବେ ଯାହାକି ବିଚାର ନିମନ୍ତେ ଓ ଆବଶ୍ୟକତା ଅନୁଯାୟୀ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ଚୂଡ଼ାନ୍ତ ହେବା ନିମନ୍ତେ ଗ୍ରାମ ଶାସନ ନିକଟରେ ଉପସ୍ଥାପନ କରାଯିବ";** ଏବଂ

(ଘ) ଉପଧାରା (୫) ପରେ ନିମ୍ନଲିଖିତ ଉପଧାରା ଯୋଗ କରାଯିବ :-

(୬) ଉପଧାରା (୩) ଅନୁଯାୟୀ ଚୂଡ଼ାନ୍ତ ହୋଇଥିବା ବଜେଟ୍‌ର ଗୋଟିଏ **ଲେଖାଏଁ ନକଲ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସ୍ତରରେ ସଂକଳନ ନିମନ୍ତେ ସେମାନଙ୍କ ନିକଟକୁ ଗ୍ରାମପଞ୍ଚାୟତ ପଠାଇବ ।**

**ଧାରା - ୯୯ର ଲୋପ**

୧୦. ମୂଳ ଅଧିନିୟମର ଧାରା ୯୯ ଲୋପ ହେବ।

(ବି:ଦ୍ର: ଗ୍ରାମ ସଭା ଏବଂ ଗ୍ରାମ ଶାସନର ଅର୍ଥ ସମାନ ଅଟେ)

**ଆସିଯାଇ ଅଛି ନୂଆ ଆଇନ**
**ଆମରି ଗାଁରେ ଆମ ଶାସନ।**

**ଆମ ଗାଁରେ ଆମେ ସରକାର**
**ଜାଣି ସାରିଛୁ ଏହି ଅଧିକାର।**

# ଓଡ଼ିଶା ପଞ୍ଚାୟତ ସମିତି(ସଂଶୋଧନ) ଅଧିନିୟମ, ୧୯୯୭

## ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯କୁ ଅଧିକତର ସଂଶୋଧନ କରିବା ନିମିତ୍ତ ଏକ ଅଧିନିୟମ

ଭାରତ ଗଣରାଜ୍ୟର ଅଠଚାଳିଶତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:

**ସଂକ୍ଷିପ୍ତ ନାମ**

୧. ଏହି ଅଧିନିୟମ, ଓଡ଼ିଶା ପଞ୍ଚାୟତ ସିମିତି (ସଂଶୋଧନ) ଅଧିନିୟମ, ୧୯୯୭ ନାମରେ ଅଭିହିତ ହେବ।

**ଧାରା -୧ର ସଂଶୋଧନ**

୨. ୧୯୬୦ର ଓଡ଼ିଶା ଅଧିନିୟମ ୭, ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ (ଏହାପରେ ମୂଳ ଅଧିନିୟମ ଭାବେ ଉଲ୍ଲିଖିତ)ର ଧାରା ୧ର ଉପଧାରା (୫)କୁ ଲୋପ କରାଯିବ।

**ଧାରା -୨ର ସଂଶୋଧନ**

୩. ମୂଳ ଅଧିନିୟମ ଧାରା ୨ର ଖଣ୍ଡ (ଚ-୧) ପରେ ନିମ୍ନଲିଖିତ ଖଣ୍ଡଟି ଯୋଗ କରାଯିବ;

(ଚ-୨) "ଅନୁସୂଚିତ କ୍ଷେତ୍ର" ଅର୍ଥ ସମ୍ବିଧାନର ଅନୁଚ୍ଛେଦ ୨୪୪ର ଖଣ୍ଡ (୧)ରେ ଉଲ୍ଲିଖିତ ଅନୁସୂଚିତ କ୍ଷେତ୍ର;

**ଧାରା -୧୬ର ସଂଶୋଧନ**

୪. ମୂଳ ଅଧିନିୟମର ଧାରା ୧୬ରେ :

(କ) ଉପଧାରା(୨)ର ଖଣ୍ଡ (କ)ରେ ଥିବା ପରନ୍ତୁକଟି ଯୋଗ କରାଯିବ :

"ଅଧିକନ୍ତୁ କୌଣସି ଅନୁସୂଚିତ କ୍ଷେତ୍ର ମଧ୍ୟରେ ସେପରି ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଅନ୍ୟୁନ ଅର୍ଦ୍ଧେକ ଆସନ ଅନୁସୂଚିତ ଜନଜାତିର ପ୍ରାର୍ଥୀଙ୍କ ଲାଗି ଆରକ୍ଷିତ ହୋଇରହିବ।"

(ଖ) ଉପଧାରା (୩-କ)ର ଖଣ୍ଡ (୧)ରେ ନିମ୍ନଲିଖିତ ପରନ୍ତୁକଟି ଯୋଗ କରାଯିବ :

"ପରନ୍ତୁ ଅନୁସୂଚିତ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ସମିତିର ଚେୟାରମ୍ୟାନ ପଦ ଅନୁସୂଚିତ ଜନଜାତିର ଲୋକମାନଙ୍କ ନିମନ୍ତେ ଆରକ୍ଷିତ ହୋଇରହିବ; ଏବଂ

(ଗ) ଉପଧାରା (୩-ଖ) ପରେ ନିମ୍ନଲିଖିତ ଉପଧାରାଟି ଯୋଗ କରାଯିବ :

"(୩-ଗ) ଏହି ଧାରାରେ ଯାହା କିଛି ଥିବା ସତ୍ତ୍ୱେ ସମିତିରେ ଯେଉଁ ଅନୁସୂଚିତ ଜନଜାତିର ଲୋକମାନେ ପ୍ରତିନିଧିତ୍ୱ କରି ନ ଥିବେ, ସରକାର ସେପରି ଜନଜାତିର ଲୋକମାନଙ୍କୁ ଅନୁସୂଚିତ କ୍ଷେତ୍ର ମଧ୍ୟରେ ଥିବା କୌଣସି ସମିତିକୁ ମନୋନୟନ କରିପାରିବେ;

"ପରନ୍ତୁ ସେପରି ମନୋନୟନ, ଉପଧାରା(୧) ର ଖଣ୍ଡ (ଖ) ଅନୁଯାୟୀ ନିର୍ବାଚିତ ହେବାକୁ ଥିବା ମୋଟ ସଦସ୍ୟ ସଂଖ୍ୟାର ଏକ ଦଶମାଂଶରୁ ଅଧିକ ହେବ ନାହିଁ।"

ଧାରା -୨୦ର ସଂଶୋଧନ

୫. ମୂଳ ଅଧିନିୟମର ଧାରା-୨୦ର ଉପଧାରା (୪) ପରେ ନିମ୍ନଲିଖିତ ଉପଧାରାଟି ଯୋଗ କରାଯିବ:

(୫) ଏହି ନିୟମରେ ପ୍ରତିକୂଳାତ୍ମକ ଯାହା କିଛି ଥିବା ସତ୍ତ୍ୱେ, ଗ୍ରାମ ଶାସନ ସହିତ ପରାମର୍ଶ କରି, ସମିତି ନିମ୍ନୋକ୍ତ ବିଷୟରେ ବ୍ୟବସ୍ଥା କରିବା ଲାଗି କ୍ଷମତାପନ୍ନ ହେବ :

(କ) ସରକାର, ଅଧିସୂଚନା ଦ୍ୱାରା ଯେପରି ବି ନିର୍ଦ୍ଦିଷ୍ଟ କରିପାରିବେ ସେପରି କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ବିଭିନ୍ନ ସାମାଜିକ ସେକ୍ଟରରେ ଥିବା ଅନୁଷ୍ଠାନ ଓ କର୍ମକର୍ତ୍ତାମାନଙ୍କ ଉପରେ ଯେପରି ବିହିତ ହୋଇପାରେ ସେପରି ପ୍ରକାରର ଓ ସେପରି ବିସ୍ତାର ପର୍ଯ୍ୟନ୍ତ ନିୟନ୍ତ୍ରଣ ଓ ଅଧିକ୍ଷଣ; ଏବଂ

(ଖ) ସଂପୃକ୍ତ ଅଞ୍ଚଳ ସକାଶେ ଜନଜାତି ସମ୍ପର୍କିତ ଉପ-ଯୋଜନାଗୁଡ଼ିକ ସମେତ ସ୍ଥାନୀୟ ଯୋଜନାମାନ ପ୍ରସ୍ତୁତ କରିବା ଏବଂ ସେପରି ଯୋଜନାଗୁଡ଼ିକ ପାଇଁ ଉଦ୍ଦିଷ୍ଟ ସମ୍ବଳ ଉପରେ ନିୟନ୍ତ୍ରଣ।

ପଞ୍ଚାୟତିରାଜ ଜିନ୍ଦାବାଦ୍, ଜିନ୍ଦାବାଦ୍, ଜିନ୍ଦାବାଦ୍

ଗ୍ରାମସଭା ଜିନ୍ଦାବାଦ୍ , ଜିନ୍ଦାବାଦ୍, ଜିନ୍ଦାବାଦ୍

ପଲ୍ଲୀସଭା ଜିନ୍ଦାବାଦ୍ , ଜିନ୍ଦାବାଦ୍, ଜିନ୍ଦାବାଦ୍

# ଓଡ଼ିଶା ଜିଲ୍ଲା ପରିଷଦ (ସଂଶୋଧନ) ବିଧେୟକ, ୧୯୯୭

## ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧କୁ ଅଧିକତର ସଂଶୋଧନ କରିବା ନିମିତ୍ତ ଏକ ଅଧିନିୟମ

ଭାରତ ଗଣରାଜ୍ୟର ଅଠଚାଳିଶତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:

**ସଂକ୍ଷିପ୍ତ ନାମ**

(୧) ଏହି ଅଧିନିୟମ, ଓଡ଼ିଶା ଜିଲ୍ଲା ପରିଷଦ (ସଂଶୋଧନ) ଅଧିନିୟମ, ୧୯୯୭ ନାମରେ ଅଭିହିତ ହେବ।

**ଧାରା- ୧ର ସଂଶୋଧନ**

(୨) ଓଡ଼ଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧ (ଏହାପରେ ମୂଳ ଅଧିନିୟମ ଭାବେ ଉଲ୍ଲିଖିତ)ର ଧାରା ୧ର ଉପଧାରା (୫)କୁ ଲୋପ କରାଯିବ (୧୯୯୧ର ଓଡ଼ିଶା ଅଧିନିୟମ, ୧୭)

**ଧାରା- ୨ର ସଂଶୋଧନ**

(୩) ମୂଳ ଅଧିନିୟମର ଧାରା ୨ର ଖଣ୍ଡ (ଙ) ପରେ ନିମ୍ନଲିଖିତ ଖଣ୍ଡଟି ଯୋଗ କରାଯିବ:

"(ଙ -୧) 'ଅନୁସୂଚିତ କ୍ଷେତ୍ର' ଅର୍ଥ ସଂବିଧାନର ଅନୁଚ୍ଛେଦ - ୨୪୪ର ଖଣ୍ଡ (୧)ରେ ଉଲ୍ଲିଖିତ ଅନୁସୂଚିତ କ୍ଷେତ୍ର;"

**ଧାରା- ୩ର ସଂଶୋଧନ**

(୪) ମୂଳ ଅଧିନିୟମର ଧାରା ୩ର

(କ) ଉପଧାରା (୩)ର ଖଣ୍ଡ (ଠ)କୁ ଲୋପ କରାଯିବ; ଏବଂ (ଖ) ଉପଧାରା (୫) ପରେ ନିମ୍ନଲିଖିତ ଉପଧାରାଟି ଯୋଗ କରାଯିବ;

"(୬) ଏହି ଅଧିନିୟମ ବା ତତ୍ ସମୟେ ପ୍ରବୃତ୍ତ ଅନ୍ୟ ଯେକୌଣସି ବିଧିରେ ପ୍ରତିକୂଳାତ୍ମକ ଯାହା କିଛି ଥିବା ସତ୍ତ୍ୱେ,କୌଣସି ଅନୁସୂଚିତ କ୍ଷେତ୍ର ମଧ୍ୟରେ,

**(କ) ଓଡ଼ିଶା ଜିଲ୍ଲା ପରିଷଦ (ସଂଶୋଧନ) ଅଧିନିୟମ, ୧୯୯୭ର ପ୍ରାରମ୍ଭ ଦିନ ବା ତାହା ପରେ ପରିଷଦର ପୂର୍ବ ସୁପାରିଶ ବ୍ୟତୀତ ଅନ୍ୟ କୌଣସି ବିଧି ଅନୁଯାୟୀ କୌଣସି ଲଘୁ ଖଣିଜ ପଦାର୍ଥ ନିମନ୍ତେ ଆଗୁଆ ଲାଇସେନସ୍ ବା ଖଣି ପଟ୍ଟା ଦିଆଯିବ ନାହିଁ ଅଥବା ନିଲାମଦ୍ୱାରା ଲଘୁ ଖଣିଜ ପଦାର୍ଥର ଉପଯୋଗ ନିମନ୍ତେ ରିହାତି ଦିଆଯିବ ନାହିଁ;**

**(ଖ) ପରିଷଦ ସହିତ ପୂର୍ବ ପରାମର୍ଶ ବିନା କୌଣସି ବିଧି ଅନୁଯାୟୀ କୌଣସି ପ୍ରକଳ୍ପର ଉନ୍ନୟନ ତଥା ସେପରି ପ୍ରକଳ୍ପଦ୍ୱାରା ପ୍ରଭାବିତ ହେଉଥିବା ବ୍ୟକ୍ତିମାନଙ୍କର**

ପୁନର୍ବସତି ବା ଥଇଥାନ ନିମନ୍ତେ କୌଣସି ଭୂମି ଅର୍ଜନ କରାଯିବ ନାହିଁ; ଏବଂ

(ଗ) ଲଘୁ ଜଳ ନିକାୟଗୁଡିକ ଲାଗି ପରିଷଦ ଯୋଜନା ପ୍ରଣୟନ କରିବେ ଓ ସେଗୁଡ଼ିକ ପରିଚାଳିତ କରିବେ।"

ଧାରା- ୬ର ସଂଶୋଧନ

୫. ମୂଳ ଅଧିନିୟମ ଧାରା ୬ର-

(କ) ଉପଧାରା (୩)ର ଖଣ୍ଡ (କ) ରେ ପରନ୍ତୁକ ପରେ ନିମ୍ନଲିଖିତ ପରନ୍ତୁକଟି ଯୋଗ କରାଯିବ :-

**"ଅଧିକନ୍ତୁ କୌଣସି ଅନୁସୂଚିତ କ୍ଷେତ୍ର ମଧ୍ୟରେ ସେପରି ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଅନ୍ୟୁନ ଅର୍ଦ୍ଧେକ ଆସନ ସଂଖ୍ୟା ଅନୁସୂଚିତ ଜନଜାତିର ପ୍ରାର୍ଥୀଙ୍କ ଲାଗି ଆରକ୍ଷିତ ହୋଇ ରହିବ;" ଏବଂ**

(ଖ) ଉପଧାରା (୫) ପରେ ନିମ୍ନଲିଖିତ ଉପଧାରାଟି ଯୋଗ କରାଯିବ:-

**"(୬) ଏହି ଧାରାରେ ଯାହା କିଛି ଥିବା ସତ୍ତ୍ୱେ ପରିଷଦରେ ଯେଉଁ ଅନୁସୂଚିତ ଜନଜାତିର ଲୋକମାନେ ପ୍ରତିନିଧିତ୍ୱ କରି ନ ଥିବେ ସରକାର ସେପରି ଜନଜାତିର ଲୋକମାନଙ୍କୁ ଅନୁସୂଚିତ କ୍ଷେତ୍ର ମଧ୍ୟରେ ଥିବା କୌଣସି ପରିଷଦକୁ ମନୋନୟନ କରିପାରିବେ :**

**"ପରନ୍ତୁ ସେପରି ମନୋନୟନ, ଉପଧାରା (୧) ର ଖଣ୍ଡ (କ) ଅନୁଯାୟୀ ନିର୍ବାଚିତ ହେବାକୁ ଥିବା ମୋଟ ସଦସ୍ୟ ସଂଖ୍ୟାର ଏକ ଦଶମାଂଶରୁ ଅଧିକ ହେବ ନାହିଁ।"**

ଧାରା- ୮ର ସଂଶୋଧନ

୬. ମୂଳ ଅଧିନିୟମର ଧାରା ୮ର ଉପଧାରା (୨) ର ଖଣ୍ଡ (କ) ରେ ନିମ୍ନଲିଖିତ ପରନ୍ତୁକଟି ଯୋଗ କରାଯିବ :-

**"ପରନ୍ତୁ ଅନୁସୂଚିତ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ପରିଷଦର ସଭାପତି ପଦ ଅନୁସୂଚିତ ଜନଜାତିର ଲୋକମାନଙ୍କ ନିମନ୍ତେ ଆରକ୍ଷିତ ହୋଇରହିବ।"**

ଯୋଜନା ତିଆରି ଯେ ଯୋଜନା ତିଆରି

**ଆଗେ ହେଉଥିଲା ଦିଲ୍ଲୀରେ,**
**ଏବେ ହେବ ତାହା ପଲ୍ଲୀରେ।**

# ଓଡ଼ିଶା ସରକାର ପଞ୍ଚାୟତ ରାଜ (ଗ୍ରା.ପ.) ବିଭାଗ

## ସଂଖ୍ୟା ୧୨୬୯୪(୩୦) / ଗ୍ରା.ପ. ଭୁବନେଶ୍ୱର, ତା ୮.୮.୯୭

## L.S.I. 75197

ପ୍ରେରକ : ଶ୍ରୀ ପ୍ରେମାନନ୍ଦ ରାୟ, ଆଇ.ଏ.ଏସ୍, ନିର୍ଦ୍ଦେଶକ ପଞ୍ଚାୟତିରାଜ (ଗ୍ରା.ପ.)ବିଭାଗ

ପ୍ରାପ୍ତେଷୁ : ସମସ୍ତ ଜିଲ୍ଲାପାଳ

ବିଷୟ : **ଗ୍ରାମସଭା ବୈଠକ ସଂପର୍କରେ**

*ମହାଶୟ,*

୭୩ତମ ସଂବିଧାନ ସଂଶୋଧନ ଅଧିନିୟମ ୧୯୯୨ କାର୍ଯ୍ୟକାରୀ ହେବା ପରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସାମ୍ବିଧାନିକ ମର୍ଯ୍ୟାଦା ଦିଆଯାଇଛି। ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ବିଶେଷତଃ ଗ୍ରାମ ସଭାକୁ ଆବଶ୍ୟକୀୟ ପ୍ରଶାସନିକ ଓ ଅର୍ଥନୈତିକ କ୍ଷମତା ପ୍ରଦାନ କରି ସେଗୁଡ଼ିକୁ ସ୍ୱୟଂଚାଳିତ ଅନୁଷ୍ଠାନରେ ପରିଣତ କରିବା ଏହି ସମ୍ବିଧାନ ସଂଶୋଧନର ମୂଳ ଲକ୍ଷ୍ୟ। ୭୩ ତମ ସମ୍ବିଧାନ ସଂଶୋଧନ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମ ସଭା ଓ ପଲ୍ଲୀ ସଭାଗୁଡ଼ିକୁ ବୈଧାନିକ ସ୍ୱୀକୃତି ଦେବା ସଂଗେ ସଂଗେ ସେମାନଙ୍କୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦାନ କରିଥିବା ମୁଷ୍ଟିମେୟ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ। **କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମର ଧାରା ୫ ଓ ୬ରେ ଥିବା ବ୍ୟବସ୍ଥା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉନାହିଁ। ସରପଞ୍ଚମାନେ ଗ୍ରାମ ସଭା ଆହ୍ୱାନ କରିବା ପୂର୍ବରୁ ସର୍ବସାଧାରଣଙ୍କୁ ଯଥୋଚିତ ଭାବେ ଅବଗତ କରାଉନାହାଁନ୍ତି । ଫଳତଃ ଗ୍ରାମ ସଭାଗୁଡ଼ିକ କେବଳ ରେକର୍ଡପତ୍ରରେ ହିଁ ସୀମିତ ରହୁଛି । ପୁନଶ୍ଚ ଯେଉଁଠାରେ ଗ୍ରାମ ସଭା ଅନୁଷ୍ଠିତ ହେଉଛି ସେଥିରେ ଅତ୍ୟନ୍ତ ସ୍ୱଳ୍ପ ଉପସ୍ଥାପନ ହେଉଛି। ଏହି ପରିପ୍ରେକ୍ଷୀରେ ସରକାର ଚାହାଁନ୍ତି ଯେ, ସଂପୃକ୍ତ ସରକାରୀ ତଥା ବେସରକାରୀ କର୍ମକର୍ତ୍ତାଗଣ, ଯଥା : ଜିଲ୍ଲା ପଞ୍ଚାୟତ ଅଧିକାରୀ, ଅନୁବିଭାଗୀୟ ପଞ୍ଚାୟତ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ସରପଞ୍ଚ ଓ ୱାର୍ଡ ମେୟରମାନେ ଯତ୍ନବାନ ହେବା ଉଚିତ୍, ଯେପରି ଗ୍ରାମ ସଭାଗୁଡ଼ିକ ନିୟମିତ ଭାବରେ ତଥା ଆବଶ୍ୟକ ସମୟରେ ଅନୁଷ୍ଠିତ ହେବ ଏବଂ ଗ୍ରାମ ସଭାଗୁଡ଼କ ବାସ୍ତବରେ ଗ୍ରାମ ପଞ୍ଚାୟତର ବାର୍ଷିକ ଯୋଜନା ଅନୁମୋଦନ କରିବେ ଏବଂ ଖର୍ଚ୍ଚକୁ ସମୀକ୍ଷା କରିବା ।** ଏହି ସବୁ ଲକ୍ଷ୍ୟ ସାଧନ ପାଇଁ ଗ୍ରାମ ସଭା ଆହ୍ୱାନ କରିବା ସଂକ୍ରାନ୍ତରେ ନିମ୍ନଲିଖିତ ନିର୍ଦ୍ଦେଶାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

୧. **ଯଦିଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ ଧାରା ୫(୧)ରେ ଗୋଟିଏ ବର୍ଷରେ ଅନ୍ୟୁନ ଦୁଇଟି ଗ୍ରାମ ସଭା ଡାକିବାର ବ୍ୟବସ୍ଥା ଅଛି । ଗ୍ରାମ ପଞ୍ଚାୟତମାନେ ଅବଶ୍ୟକ ସ୍ଥଳେ ଅଧିକ ସଂଖ୍ୟକ ଗ୍ରାମ ସଭା ଆହ୍ୱାନ କରିବା ଉଚିତ୍ ।**

୨. ଗ୍ରାମ ସଭାରେ ଉପସ୍ଥାନ ବୃଦ୍ଧିକରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯିବା ଉଚିତ୍ । କ) ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀର ନିୟମ ୬(୯)ରେ ଥିବା ବ୍ୟବସ୍ଥା ଅନୁଯାୟୀ ଗ୍ରାମ ସଭା ବୈଠକ ଡାକିବାର ପୂର୍ବ ୧୫ ଦିନ ପୂର୍ବରୁ ନୋଟିସ ଦିଆଯିବା ଉଚିତ୍ । ଖ) **ଗ୍ରାମ ପଞ୍ଚାୟତ ପରିସର ଭିତରେ ଥିବା ସାପ୍ତାହିକ ହାଟରେ ଓ ଗ୍ରାମ ପଞ୍ଚାୟତ ପ୍ରତ୍ୟେକ ୱାର୍ଡରେ ଗ୍ରାମ ସଭା ବୈଠକ ସମ୍ବନ୍ଧରେ ଡେଙ୍ଗୁରା ପିଟି ସର୍ବସାଧାରଣଙ୍କୁ ଅବଗତ କରାଯିବ ଏବଂ ୱାର୍ଡମେମ୍ବରମାନଙ୍କୁ ନୋଟିସ ଜାରି କରାଯିବ । ଏହା ବ୍ୟତୀତ ଗ୍ରାମ ପଞ୍ଚାୟତରେ ଥିବା ହାଇସ୍କୁଲ, ଏମ୍.ଇ.ସ୍କୁଲ, ପ୍ରାଇମେରୀ ସ୍କୁଲ, ଡାକ୍ତରଖାନା, ମହିଳା ସମିତି, ଯୁବକସଂଘ, ଅଂଗନୱାଡି କେନ୍ଦ୍ର, ଡୋକ୍ରା କେନ୍ଦ୍ର ଓ ଭାଗବତ ଟୁଂଗି ଇତ୍ୟାଦିର ନୋଟିସ୍ ବୋର୍ଡରେ ଉକ୍ତ ନୋଟିସ୍ ଲଟକାଇ ଦିଆଯିବ । ଏହିସବୁ ସ୍ଥାନରେ ନୋଟିସ୍ ଜାରିକରାଗଲା ବୋଲି ସଂପୃକ୍ତ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତାଠାରୁ ପ୍ରାପ୍ତି ସ୍ୱୀକାର ନିଆଯିବ ।**

୩. **ସଂପୃକ୍ତ ୱାର୍ଡମେମ୍ବରମାନଙ୍କ ସହ ପରାମର୍ଶ କରାଯାଇ ପ୍ରତ୍ୟେକ ୱାର୍ଡରୁ ୨୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯିବ ଓ ତାହା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ରଖାଯିବ । ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଅତି କମ୍‌ରେ ଅର୍ଦ୍ଧେକ ବ୍ୟକ୍ତି ନୋଟିସ୍ ପାଇ ନଥିଲେ ଗ୍ରାମ ସଭାର ବୈଠକ ପୂର୍ବ ନିର୍ଦ୍ଦିଷ୍ଟ ତାରିଖରେ ଅନୁଷ୍ଠିତ ହୋଇ ପାରିବ ନାହିଁ । ତେଣୁ ଏ ଦିଗରେ ସଂପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସଂପାଦକ ଯତ୍ନବାନ ହେବେ ।**

ଏଠାରେ ସ୍ପଷ୍ଟ କରିଦିଆଯାଇପାରେ ଯେ ଗ୍ରାମ ସଭାର ତାରିଖ ସଂପର୍କରେ ବ୍ୟାପକ ପ୍ରଚାର ଓ ସୂଚନା ପ୍ରଦାନ ପାଇଁ ଏହା ଉଦ୍ଦିଷ୍ଟ । ନୋଟିସ୍ ପ୍ରାପ୍ତି ପରେ ଯଦି ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିମାନେ ଗ୍ରାମ ସଭାରେ ଯୋଗ ନ ଦିଅନ୍ତି, ସେ ସ୍ଥଳେ ଗ୍ରାମ ସଭା ବନ୍ଦ ନ ହୋଇ ନିର୍ଦ୍ଧାରିତ ତାରିଖରେ ଅନୁଷ୍ଠିତ ହେବ ।

୪. ସଂପୃକ୍ତ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ କିମ୍ବା ବି.ଡି.ଓଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଅନ୍ୟ କୌଣସି ଅଧିକାରୀ ଓ ଗ୍ରାମ ସେବକ ବୈଠକରେ ଯୋଗଦେବେ ଏବଂ ବିବରଣୀ ପୁସ୍ତିକାରେ ସ୍ୱାକ୍ଷର କରିବେ, ମାତ୍ର ସେମାନେ ଗ୍ରାମ ସଭାର ଆଲୋଚନାରେ ଭାଗ ନେଇପାରିବେ ନାହିଁ । ଯଦି କୌଣସି ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିମ୍ବା ବି.ଡି.ଓଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଅଧିକାରୀ / ଗ୍ରାମସେବକ

ଗ୍ରାମ ସଭା ବୈଠକରେ ଯୋଗ ନ ଦିଅନ୍ତି, ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଗ୍ରାମ ସଭା ବୈଠକ ଆହୁତ ହୋଇଥିବା ତାରିଖରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ/ ଗ୍ରାମସେବକଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରିବେ ନାହିଁ। ଯାହା ଫଳରେ କି ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ / ଗ୍ରାମସେବକ ସେଇ ଆଳରେ ଗ୍ରାମ ବୈଠକରେ ଅନୁପସ୍ଥିତ ରହିପାରିବେ ନାହିଁ।

**ଗ୍ରାମ ସଭାର ବିବରଣୀ ଗ୍ରାମ ସଭା ଶେଷ ହେବାମାତ୍ରେ ସେହି ଦିନ ଓଡ଼ିଆରେ ସମ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଓ ଏହା ସରପଞ୍ଚ / ଗ୍ରାମସେବକ / ବି.ଡି.ଓଙ୍କଦ୍ୱାରା କ୍ଷମତାପ୍ରାପ୍ତି ଅଧିକାରୀ / ପଞ୍ଚାୟତ ସମ୍ପାଦକ / ୱାର୍ଡମେମ୍ବର ନିଶ୍ଚିତ ଭାବରେ ଦସ୍ତଖତ କରିବେ। ଏତଦ୍‌ବ୍ୟତୀତ ଗ୍ରାମ ସଭାରେ ଉପସ୍ଥିତ ଥିବା ଭଦ୍ରବ୍ୟକ୍ତିମାନେ ଚାହିଁଲେ ଏଥିରେ ଦସ୍ତଖତ କରିପାରିବେ। ଏହାର ନକଲ ସଂପୃକ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଅନୁବିଭାଗୀୟ ପଞ୍ଚାୟତ ଅଧିକାରୀ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଦିଆଯିବ। ଯେଉଁ ସରପଞ୍ଚମାନେ ଉପରୋକ୍ତ ନିର୍ଦ୍ଦେଶାବଳୀକୁ ଜାଣିଶୁଣି ପାଳନ ନ କରିବେ ସଂପୃକ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ତୁରନ୍ତ ସୁପାରିଶ କରିବେ।**

ଏଣୁ ଅନୁରୋଧ ଆପଣ ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଦେବେ। ପୁନଶ୍ଚ ଗ୍ରାମ ସଭାଗୁଡ଼ିକ ବାସ୍ତବରେ କାର୍ଯ୍ୟକରୁଛି କି ନାହିଁ, ଜିଲ୍ଲାପାଳମାନେ ପ୍ରତିବର୍ଷ ମାର୍ଚ୍ଚମାସ ଓ ଜୁଲାଇ ମାସରେ ସମୀକ୍ଷା ରିପୋର୍ଟ ଏହି ବିଭାଗକୁ ପଠାଇବେ।

ଆପଣଙ୍କ ବିଶ୍ୱସ୍ତ

ସ୍ୱା :

ନିର୍ଦ୍ଦେଶକ, ପଞ୍ଚାୟତି ରାଜ

ଜ୍ଞାପନ ସଂଖ୍ୟା ୧୨୬୯୫(୫୬୬୬) ତାରିଖ ୮.୮.୯୭

ଏହାର ନକଲ ସମସ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ / ସମସ୍ତ ଉପଜିଲ୍ଲାପାଳ / ବ୍ଲକ୍ ଉନ୍ନୟନ ଅଧିକାରୀ ଓ ସମସ୍ତ ସରପଞ୍ଚଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା।

ସ୍ୱା:

ନିର୍ଦ୍ଦେଶକ, ପଞ୍ଚାୟତି ରାଜ

# ଓଡ଼ିଶା ସରକାର
# ପଞ୍ଚାୟତି ରାଜ (ଗ୍ରା.ପ.) ବିଭାଗ

ଚିଠି ସଂଖ୍ୟା ୧୨୬୯୨ (୩୦) / ଗ୍ରା. ପ. ଭୁବନେଶ୍ୱର ତା ୮.୮.୯୭.

ପ୍ରେରକ :

ଶ୍ରୀ ପ୍ରେମାନନ୍ଦ ରାୟ, ଆଇ.ଏ.ଏସ.,
ନିର୍ଦ୍ଦେଶକ, ଗ୍ରାମ ପଞ୍ଚାୟତ, ଓଡ଼ିଶା ।

ପ୍ରାପ୍ତେଷୁ : ସମସ୍ତ ଜିଲ୍ଲାପାଳ

**ବିଷୟ : ଗ୍ରାମ ପଞ୍ଚାୟତର କାର୍ଯ୍ୟ ପ୍ରଣାଳୀରେ ସ୍ୱଚ୍ଛତା ଆଣିବା ପାଇଁ**

*ମହାଶୟ,*

ଗ୍ରାମ ପଞ୍ଚାୟତଗୁଡ଼ିକ କିପରି ସ୍ଥାନୀୟ ଜନସାଧାରଣଙ୍କର ସକ୍ରିୟ ସହଯୋଗରେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକ ସଫଳତା ତଥା ସ୍ୱଚ୍ଛଳତାର ସହିତ କାର୍ଯ୍ୟକାରୀ କରିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ବାଞ୍ଛନୀୟ ।

ଗ୍ରାମ ପଞ୍ଚାୟତର କାର୍ଯ୍ୟ ପ୍ରଣାଳୀକୁ ସ୍ୱଚ୍ଛ ତଥା ଜନସାଧାରଣଙ୍କ ଆଶା ଆକାଂକ୍ଷା ପ୍ରତି ଅଧିକ ସଂବେଦନଶୀଳ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିମ୍ନଲିଖିତ ନିଷତ୍ତି ଗ୍ରହଣ କରିଛନ୍ତି ।

**୧. ସୂଚନା ପ୍ରଦାନ:**

**(କ) ଗ୍ରାମ ପଞ୍ଚାୟତଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତଥା ପ୍ରକଳ୍ପଗୁଡ଼ିକର ତାଲିକା ଜନସାଧାରଣଙ୍କର ଅବଗତି ନିମନ୍ତେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ପଷ୍ଟ ଭାବରେ ପ୍ରଦର୍ଶିତ ହେବ । ଏହି ତାଲିକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ୍ ବୋର୍ଡରେ ପ୍ରଦର୍ଶିତ କରାଯିବ । ଏହି ତାଲିକାରେ କାର୍ଯ୍ୟ କିମ୍ବା ପ୍ରକଳ୍ପର ବିବରଣୀ, କାର୍ଯ୍ୟକାରୀ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନର ନାମ ଓ ଏଥିପାଇଁ କଳନା କରାଯାଇଥିବା ଅଟକଳ ଓ ସଂଶୋଧିତ ଅଟକଳ (ଯଦି ହୋଇଥାଏ)ର ପରିମାଣ ଉଲ୍ଲେଖ କରାଯିବ ।**

(ଖ) ଉପରୋକ୍ତ ତାଲିକାର ନକଲ ଗ୍ରାମ ପଞ୍ଚାୟତ ସୀମାଭିତରେ ଥିବା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଇତ୍ୟାଦି ସାଧାରଣ ଅନୁଷ୍ଠାମାନଙ୍କର ନୋଟିସ୍ ବୋର୍ଡରେ ପ୍ରଦର୍ଶିତ କରାଯିବ ।

(ଗ) ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଫଳରେ ଗ୍ରାମ ପଞ୍ଚାୟତର ଯେଉଁ ସଂପତ୍ତି ସୃଷ୍ଟି ହେବ, ତାହାର ଏକ ତାଲିକା ପ୍ରସ୍ତୁତ ହେବ ଏବଂ ଏହି ତାଲିକାର ନକଲ ବ୍ଲକ ତଥା ଜିଲ୍ଲା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ପ୍ରେରଣ କରିବା ଦାୟିତ୍ୱ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସଂପାଦକଙ୍କ ଉପରେ ନ୍ୟସ୍ତ ରହିବ।

୨. ପରିଦର୍ଶନ :

**ଗ୍ରାମ ପଞ୍ଚାୟତର ସମସ୍ତ ଭୋଟର ଗ୍ରାମ ସଭାର ସଦସ୍ୟ ଅଟନ୍ତି। ସେହି ଦୃଷ୍ଟିରୁ ଗ୍ରାମ ପଞ୍ଚାୟତର ରେକର୍ଡ ପତ୍ର ପରିଦର୍ଶନ କରିବା ତଥା ସେଗୁଡ଼ିକର ନକଲ ନେବା ପାଇଁ ସେମାନଙ୍କୁ ସୁଯୋଗଦେବା ଉଚିତ୍। ଏହି ଉଦ୍ଦେଶ୍ୟରେ ନିମ୍ନଲିଖିତ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି ।**

(କ) ଗ୍ରାମ ପଞ୍ଚାୟତର ସଂପତ୍ତି ତାଲିକାଥିବା ରେଜିଷ୍ଟର ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ କେଶ୍ ରେକର୍ଡ ପରିଦର୍ଶନ କରିବା ପାଇଁ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କୁ ସୁଯୋଗ ଦିଆଯିବ। ସେଥିପାଇଁ ଗ୍ରାମ ପଞ୍ଚାୟତ ପ୍ରତି ମାସ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ଓ ସମୟ ଧାର୍ଯ୍ୟ କରିବେ। ଆବଶ୍ୟକ ପଡ଼ିଲେ ଏଥିପାଇଁ ପ୍ରତିମାସ ଦୁଇଦିନ ମଧ୍ୟ ଧାର୍ଯ୍ୟ କରାଯାଇପାରେ।

(ଖ) ସର୍ବସାଧାରଣ ରେକର୍ଡ ପରିଦର୍ଶନ କରିବା ସମୟରେ ସରପଞ୍ଚ ଓ ସଂପାଦକ ନିଶ୍ଚିତଭାବେ ଉପସ୍ଥିତ ରହିବେ।

(ଗ) ଗ୍ରାମ ପଞ୍ଚାୟତର ରେକର୍ଡ ପତ୍ରର ସୁରକ୍ଷା ତଥା ତତ୍ତ୍ୱାବଧାନ ପାଇଁ ସଂପୃକ୍ତ ସରପଞ୍ଚ ଓ ସଂପାଦକ ସମ୍ପୂର୍ଣ୍ଣ ଦାୟୀ ରହିବେ। କୌଣସି ରେକର୍ଡ ପତ୍ର ହଜିଗଲେ ବା ନଷ୍ଟ ହୋଇଗଲେ ସେମାନଙ୍କୁ ହିଁ ଦାୟୀ କରାଯିବ ଏବଂ ସେମାନଙ୍କର ବିରୁଦ୍ଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

(ଘ) **ଗ୍ରାମ ପଞ୍ଚାୟତମାନେ ପ୍ରତି ରେକର୍ଡ ପରିଦର୍ଶନ ପାଇଁ ଇଚ୍ଛୁକ ଆବେଦନକାରୀଙ୍କ ଠାରୁ ପ୍ରତିକ୍ଷେତ୍ରରେ ଟ୨/- ଲେଖାଁଏ ପରିଦର୍ଶନ ଫିସ୍ ଦରଖାସ୍ତ ସହ ଆଦାୟ କରିବେ ଓ ତାହା ଗ୍ରାମ ପାଣ୍ଠିରେ ଜମା ହେବ।**

ଗ୍ରାମ ପଞ୍ଚାୟତର ରେକର୍ଡ ପରିଦର୍ଶନ କରିବାକୁ ଚାହୁଁଥିବା ବ୍ୟକ୍ତି ବା ଗ୍ରାମ ପଞ୍ଚାୟତର ସଂପାଦକଙ୍କୁ କେଉଁ ରେକର୍ଡ ପରିଦର୍ଶନ କରିବାକୁ ଚାହୁଁଛନ୍ତି ଉଲ୍ଲେଖ କରି ଏ ସଂକ୍ରାନ୍ତରେ ଏକ ଲିଖିତ ଦରଖାସ୍ତ ଦେବେ । ସଂପାଦକ ଏହି ଦରଖାସ୍ତରେ ବର୍ଣ୍ଣିତ ତଥ୍ୟମାନ, ଯଥା:- ଦରଖାସ୍ତକାରୀଙ୍କ ନାମ ଓ ଠିକଣା, ପରିଦର୍ଶନ କରିବାକୁ ଚାହୁଁଥିବା ରେକର୍ଡର ବିବରଣୀ ଓ ପରିଦର୍ଶନର ଉଦ୍ଦେଶ୍ୟ ଇତ୍ୟାଦି ଗୋଟିଏ ସ୍ଥାୟୀ ରେଜିଷ୍ଟରରେ ଲେଖି ରଖିବେ। କେଉଁ ତାରିଖରେ ତାଙ୍କୁ ରେକର୍ଡ ପରିଦର୍ଶନ ପାଇଁ ସୁଯୋଗ ଦିଆଯିବ, ତାହା ତାଙ୍କୁ ଦରଖାସ୍ତ ଦାଖଲ ସମୟରେ ଜଣାଇ ଦିଆଯିବ।

(ଙ) ଯଦି ଦରଖାସ୍ତରେ ପରିଦର୍ଶନ କରିବାକୁ ଚାହୁଁଥିବା ରେକର୍ଡରେ ନାମ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ ନ ଥାଏ, କିମ୍ବା ଦରଖାସ୍ତକାରୀ ଗ୍ରାମ ସଭାର ସଦସ୍ୟ ନୁହଁନ୍ତି, କିମ୍ବା ଯଦି ଦରଖାସ୍ତ ସହ ପରିଦର୍ଶନ ଫିସ୍ ଦାଖଲ ନ କରାଯାଏ, ତେବେ ତାହାକୁ ଖାରଜ କରିଦିଆଯାଇପାରେ ଏବଂ ଖାରଜର କାରଣ ଉପରୋକ୍ତ ରେଜିଷ୍ଟରରେ ଲେଖାଯିବ।

୩. ରେକର୍ଡର ନକଲ ପ୍ରଦାନ :-

(କ) ଗ୍ରାମ ସଭାର ସଦସ୍ୟମାନେ ଗ୍ରାମ ପଞ୍ଚାୟତର ନିମ୍ନଲିଖିତ ରେକର୍ଡପତ୍ରର ନକଲ ନେବା ପାଇଁ ମଧ୍ୟ ସୁବିଧା କରାଯିବ। ସମ୍ପୃକ୍ତ ଗ୍ରାମ ସଭାର ସଭ୍ୟମାନେ ଗ୍ରାମ ପଞ୍ଚାୟତ ଅଫିସରେ ରଖାଯାଇଥିବା ନିମ୍ନଲିଖିତ ରେକର୍ଡର ନକଲ ନେବାପାଇଁ ଆବେଦନ କରିପାରିବେ।

୧. ଗ୍ରାମ ସଭା ବିବରଣୀ।

୨. ଗ୍ରାମ ପଞ୍ଚାୟତର ବୈଠକ ବିବରଣୀ।

୩. ଜନ୍ମ ଓ ମୃତ୍ୟୁ ରେଜିଷ୍ଟର।

୪. ଗ୍ରାମ ପଞ୍ଚାୟତଦ୍ୱାରା ସଂପାଦିତ ହେଉଥିବା ଉନ୍ନୟନ କାର୍ଯ୍ୟ ସଂପର୍କିତ କେଶ୍ ରେକର୍ଡ।

୫. ବିଭିନ୍ନ ଯୋଜନାରେ ଗ୍ରାମ ପଞ୍ଚାୟତଦ୍ୱାରା ପ୍ରସ୍ତୁତ କରାଯାଇଥିବା ହିତାଧିକାରୀମାନଙ୍କ ତାଲିକା।

୬. ଗ୍ରାମ ପଞ୍ଚାୟତ ଆୟବ୍ୟୟ ବିବରଣୀ।

୭. ଗ୍ରାମ ପଞ୍ଚାୟତର ସଂପତ୍ତି ତାଲିକା ଥିବା ରେଜିଷ୍ଟର।

୮. ପଞ୍ଚାୟତ ସଂପତ୍ତି ପଟ୍ଟା ରେଜିଷ୍ଟର।

୯. କେନ୍ଦୁପତ୍ର ଅନୁଦାନ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର।

**ଏଥିପାଇଁ ଗ୍ରାମ ପଞ୍ଚାୟତର ସଂପାଦକଙ୍କୁ ଦରଖାସ୍ତ କରିବାକୁ ହେବ। ଯେଉଁ ରେକର୍ଡର ନକଲ ଆବଶ୍ୟକ ତାହା ଉକ୍ତ ଦରଖାସ୍ତରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯିବା ଉଚିତ୍। ଗ୍ରାମ ପଞ୍ଚାୟତ ସଂପାଦକ ଉକ୍ତ ଦରଖାସ୍ତରେ ଥିବା ତଥ୍ୟମାନଙ୍କର ନକଲ ଦେବାର ତାରିଖ ଗୋଟିଏ ସ୍ଥାୟୀ ରେଜିଷ୍ଟରରେ ଲିପିବଦ୍ଧ କରିବେ।**

(ଖ) ଗ୍ରାମ ପଞ୍ଚାୟତ ସଂପାଦକ ଉପରୋକ୍ତ ନକଲ ପ୍ରଦାନ ପାଇଁ ପ୍ରତ୍ୟେକ ଆବେଦନକାରୀଙ୍କ ଠାରୁ ପୃଷ୍ଠାପ୍ରତି ଟ ୨/- ହାରରେ ଆଦାୟ କରିବେ। ଏହି ଫିସ୍ ଦରଖାସ୍ତ ସହିତ ଦାଖଲ କରିବାକୁପଡ଼ିବ। ସେଥିରୁ ଅର୍ଦ୍ଧାଂଶ ଗ୍ରାମପଞ୍ଚାୟତ ସଂପାଦକଙ୍କୁ ପାରିଶ୍ରମିକ ରୂପେ ପ୍ରଦାନ କରାଯିବ ଓ ବାକି ଅର୍ଦ୍ଧାଂଶ ଗ୍ରାମ ପାଣ୍ଠିରେ ଜମା କରାଯିବ। ପ୍ରତି ନକଲ ସରପଞ୍ଚ ଓ ସଂପାଦକ ଗ୍ରାମ ପଞ୍ଚାୟତର

ମୋହର ସହ ଅନୁପ୍ରମାଣିତ କରିବେ । ସାଧାରଣତଃ ନକଲ ଦରଖାସ୍ତ ଗ୍ରହଣର ୧୫ ଦିନ ମଧ୍ୟରେ ଯୋଗାଇ ଦିଆଯିବ । ଯଦି କୌଣସି କାରଣରୁ ନକଲ ପାଇଁ ଦରଖାସ୍ତ ଖାରଜ କରାଯାଏ, ତାହେଲେ ଦରଖାସ୍ତକାରୀଙ୍କୁ ଦାଖଲ କରିଥିବା ଫିସ୍ ଫେରସ୍ତ କରାଯିବ ଓ ଦରଖାସ୍ତ ଖାରଜ କରାଯାଇଥିବା କାରଣ ଉପରୋକ୍ତ ରେଜିଷ୍ଟରରେ ବିଶଦ ଭାବରେ ଉଲ୍ଲେଖ କରାଯିବ ।

(ଗ) ଏହା ପୁଣିଥରେ ଉଲ୍ଲେଖ କରାଯାଇଛି ଯେ, ଦରଖାସ୍ତକାରୀଙ୍କ ହାତକୁ ଗ୍ରାମ ପଞ୍ଚାୟତର ରେକର୍ଡପତ୍ର ଦିଆଯିବ ନାହିଁ ଓ ଉକ୍ତ ରେକର୍ଡପତ୍ରର ସୁରକ୍ଷା ପାଇଁ ସରପଞ୍ଚ ଓ ସଂପାଦକ ସବୁ ସମୟରେ ଦାୟୀ ରହିବେ । ସରପଞ୍ଚଙ୍କ ଲିଖିତ ଅନୁମତି ବିନା ସଂପାଦକ କୌଣସି ରେକର୍ଡର ନକଲ ପ୍ରଦାନ କରିପାରିବେ ନାହିଁ । ଯେଉଁସବୁ ରେକର୍ଡପତ୍ରର ନକଲ ଦିଆଯାଇଥିବ କିମ୍ବା ଯେଉଁ ଦରଖାସ୍ତ ଖାରଜ କରାଯାଇଥିବ, ସରପଞ୍ଚ ଗ୍ରାମ ପଞ୍ଚାୟତର ପରବର୍ତ୍ତୀ ଅଧିବେଶନରେ ସେ ସବୁର ବିବରଣୀ ପ୍ରଦାନ କରି ସଭ୍ୟମାନଙ୍କୁ ଅବଗତ କରାଇବେ ।

୪. **ସାଧାରଣ :**

**ଏହି ପତ୍ରରେ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ସମସ୍ତ ଗ୍ରାମ ପଞ୍ଚାୟତରେ ବହୁଳ ଭାବରେ ପ୍ରଚାର କରାଯିବ । ଏହି ପତ୍ରର ପ୍ରାପ୍ତି ସ୍ୱୀକାର ଜଣାଇବାକୁ ଅନୁରୋଧ ।**

ଆପଣଙ୍କର ବିଶ୍ୱସ୍ତ

ସ୍ୱା:

ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା............................/ ଗ୍ରା.ପ.ଡା

ଏହାର ନକଲ ସମସ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଅନୁବିଭାଗୀୟ ପଞ୍ଚାୟତ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସରପଞ୍ଚମାନଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା :

ଗ୍ରାମ ପଞ୍ଚାୟତ ନିର୍ଦ୍ଦେଶକ ।

**ଗାଆଁର ଧନ ଗାଁରେ ରହୁ**
**ଗ୍ରାମ ସ୍ୱରାଜ୍ୟ ପ୍ରତିଷ୍ଠା ହେଉ ।**

# ପରିବର୍ତ୍ତନର ହାୱା ଗ୍ରାମଗୁଡ଼ିକରେ ପହଞ୍ଚି ଯାଇଛି

## ଗ୍ରାମ୍ୟ ଦରିଦ୍ର ଅଧିବାସୀମାନଙ୍କ
## ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ତରଫରୁ ସାହସିକ ଉଦ୍ୟମ

**ପଞ୍ଚାୟତିରାଜ :**

- ବଡ଼ ଧରଣର ସିଦ୍ଧାନ୍ତ ନେବା ପାଇଁ ଗ୍ରାମସଭାକୁ କ୍ଷମତା ଦିଆଯାଇଛି।

**ଜବାହାର ଗ୍ରାମ ସମୃଦ୍ଧି ଯୋଜନା :**

- ଭିତ୍ତିଭୂମି ବିକାଶ ମାଧ୍ୟମରେ ଗ୍ରାମର ରୂପ ପରିବର୍ତ୍ତନ ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକୁ କ୍ଷମତା ପ୍ରଦାନ।

**ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱ - ରୋଜଗାର ଯୋଜନା :**

- ଦରିଦ୍ର ଶ୍ରେଣୀଙ୍କ ଆୟବୃଦ୍ଧି ପାଇଁ ନିରବଚ୍ଛିନ୍ନ ଆତ୍ମନିଯୁକ୍ତି ବ୍ୟବସ୍ଥା।

**ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମ :**

- ବେକାର ଗ୍ରାମ୍ୟ ଦରିଦ୍ରଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନର ମଜୁରିଭିତ୍ତିକ ନିଯୁକ୍ତି ଯୋଗାଣ।

**ଦ୍ରୁତ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମ:**

- ସମସ୍ତ ବସତିକୁ ନିରବଚ୍ଛିନ୍ନ ନିରାପଦ ପାନୀୟଜଳ ଯୋଗାଣ।

**ଇନ୍ଦିରା ଆବାସ ଯୋଜନା:**

- ଆଶ୍ରୟହୀନ ଗ୍ରାମ୍ୟ ଦରିଦ୍ରଙ୍କୁ ମାଗଣାରେ ବାସଗୃହ ଯୋଗାଣ।

**ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ :**

- ୬୫ ଓ ତଦୁର୍ଦ୍ଧ୍ୱ ବୟସ୍କ ସମସ୍ତ ପରିତ୍ୟକ୍ତଙ୍କୁ ମାସିକ ୨୦୦ଟଙ୍କା କରି ପେନ୍‌ସନ୍ ବ୍ୟବସ୍ଥା।
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ପ୍ରାଥମିକ ଜୀବିକା ଅର୍ଜନକାରୀଙ୍କ ମୃତ୍ୟୁରେ ୧୦,୦୦୦ଟଙ୍କା ପ୍ରଦାନ।

- ଦୁଇଟି ଜୀବିତ ପିଲା ହେବା ପର୍ଯ୍ୟନ୍ତ ଦରିଦ୍ର ଗର୍ଭବତୀ ମହିଳାଙ୍କ ପୁଷ୍ଟି ଚାହିଦା ପୂରଣ ନିମନ୍ତେ ୧୪୦୦ ଟଙ୍କା ପ୍ରଦାନ

**କେନ୍ଦ୍ରୀୟ ଗ୍ରାମ୍ୟ ପରିମଳ କାର୍ଯ୍ୟକ୍ରମ :**

- ଗ୍ରାମାଞ୍ଚଳଗୁଡ଼ିକରେ ସଂପୂର୍ଣ୍ଣ ପରିମଳ ବ୍ୟବସ୍ଥା।

**ମରୁଡିପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ :**

- ମରୁଡ଼ିର ଫଳପ୍ରଦ ନିୟନ୍ତ୍ରଣ ନିମନ୍ତେ ଜଳଛାୟା ପରିଚାଳନା।

**ମରୁଭୂମି ବିକାଶ କାର୍ଯ୍ୟକ୍ରମ :**

- ବନୀକରଣ, ଚରାଭୂମିର ବିକାଶ, ଉଦ୍ୟାନ ଓ କୃଷି-ଜଙ୍ଗଲ ସୃଷ୍ଟି ମାଧ୍ୟମରେ ପଡ଼ିଆ ଜମିର ବିକାଶ।

**ଭୂସଂସ୍କାର:**

- ଏକ ସାମ୍ୟବାଦୀ ସମାଜ ଗଠନ ନିମନ୍ତେ ଜମି ସଂକ୍ରାନ୍ତ ସମ୍ପର୍କର ସୁସଂଗତିକରଣ।

**ବେସରକାରୀ ସଂଗଠନ ଦ୍ୱାରା ଅଂଶଗ୍ରହଣ :**

- କାପାର୍ଟ ମାଧ୍ୟମରେ ଗୋଷ୍ଠୀ ବିକାଶରେ ସ୍ୱେଚ୍ଛାମୂଳକ କାର୍ଯ୍ୟ

**ଏଗୁଡ଼ିକ ଆପଣମାନଙ୍କ କାର୍ଯ୍ୟକ୍ରମ**

**ଏସବୁର ସୁଯୋଗ ଗ୍ରହଣ କରନ୍ତୁ**

**ସବିଶେଷ ତଥ୍ୟ ନିମନ୍ତେ ସ୍ଥାନୀୟ ଗ୍ରାମପଞ୍ଚାୟତ / ଗୋଷ୍ଠୀ ଉନ୍ନୟନ ଅଧିକାରୀ / ଜିଲ୍ଲା ପରିଷଦଙ୍କ ସହ ସମ୍ପର୍କ ରକ୍ଷା କରନ୍ତୁ।**

**ଗାଁ ଗହଳିର ଅଧିବାସୀଗଣ ହେଉଛନ୍ତି ଭବିଷ୍ୟତର ଅଧିକାରୀ**

## ସମୃଦ୍ଧ ଗ୍ରାମ - ଏକ ସମୃଦ୍ଧ ରାଷ୍ଟ୍ର

(କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞାପନରୁ ଉଦ୍ଧାର କରାଯାଇଅଛି - ସଂକଳକ)

# ପଞ୍ଚାୟତିରାଜ ଓ ଗ୍ରାମସ୍ୱରାଜ୍ୟ ସଂପର୍କୀୟ ବିଭିନ୍ନ ଉପାଦେୟ ପୁସ୍ତକ ଓ ପତ୍ରପତ୍ରିକା

| | | |
|---|---|---|
| ୧. ପଲ୍ଲୀସଭା ଓ ଗ୍ରାମସଭାର ଦାୟିତ୍ୱ ଓ କ୍ଷମତା | ସଂ ଜଗଦୀଶ ପ୍ରଧାନ | ଟ. ୨୫.୦୦ |
| ୨. ପଞ୍ଚାୟତିରାଜ ଓ ଯୁବ ସମାଜର ଦାୟିତ୍ୱ | ସଂ ଜଗଦୀଶ ପ୍ରଧାନ | ଟ. ୨୫.୦୦ |
| ୩. ଆମେ ବାଟ ହୁଡ଼ିଲୁ କେଉଁଠି | ସଂ ଜଗଦୀଶ ପ୍ରଧାନ | ଟ. ୨୫.୦୦ |
| ୪. ସ୍ୱାୟତ୍ତ ଶାସନ ନିୟମାବଳୀ- ଓଡ଼ିଶା | ଡଃ ବ୍ରହ୍ମଦେବ ଶର୍ମା | ଟ.୪୦.୦୦ |
| ୫. ଆମ ଗାଁରେ ଆମେ ସରକାର | ଡଃ ବ୍ରହ୍ମଦେବ ଶର୍ମା | ଟ.୩୦.୦୦ |
| ୬. ସ୍ୱାଧୀନତାରୁ ସ୍ୱରାଜ | ଡଃ ବ୍ରହ୍ମଦେବ ଶର୍ମା | ଟ.୨୫.୦୦ |
| ୭. କାମ କରିବାର ଅଧିକାର | ଡଃ ବ୍ରହ୍ମଦେବ ଶର୍ମା | ଟ.୩୫.୦୦ |
| ୮. ଗାଁର ବିଘଟନ ଓ କୃଷକର ସର୍ବନାଶ | ଡଃ ବ୍ରହ୍ମଦେବ ଶର୍ମା | ଟ.୩୫.୦୦ |
| ୯. ଆଦିବାସୀ ଅଞ୍ଚଳରେ ଗ୍ରାମ ସଭା (ଓଡ଼ିଶା) | ଡଃ ବ୍ରହ୍ମଦେବ ଶର୍ମା | ଟ.୨୫.୦୦ |
| ୧୦. ଗ୍ରାମ ଗଣରାଜ୍ୟର ଆରମ୍ଭ ପର୍ବ | ଡଃ ବ୍ରହ୍ମଦେବ ଶର୍ମା | ଟ.୨୫.୦୦ |
| ୧୧. ହିମାଳୟ ବି ଦୋହଲି ଗଲା | ଡଃ ବ୍ରହ୍ମଦେବ ଶର୍ମା | ଟ.୩୫.୦୦ |
| ୧୨. ଗାନ୍ଧିଜୀଙ୍କ ସ୍ୱପ୍ନର ଗ୍ରାମ ସ୍ୱରାଜ୍ୟ | ସଂ ଗାଉଁଲି ବିଚାର | ଟ. ୫.୦୦ |
| ୧୩. Fifty Years of Anti Panchayatiraj | Dr.B.D.Sharma | Rs. 250 |
| ୧୪. ସ୍ୱଭାବକବିଙ୍କ ଦୃଷ୍ଟିରେ ପଞ୍ଚାୟତ | ସଂ ଗାଉଁଲି ବିଚାର | ଟ. ୩.୦୦ |
| ୧୫. Panchayati Raj- Form Legislation to Movement | Dr.George Mathew | Rs. 250 |
| ୧୬. ପଞ୍ଚାୟତିରାଜରେ ଜନସହଯୋଗ - ତାଲିମଦାତା ପ୍ରଶିକ୍ଷଣ ପୁସ୍ତିକା | ISED, ଭୁବନେଶ୍ୱର | ଟ. ୫୦.୦୦ |
| ୧୭. ଆମେ ଓ ଆମ ପଞ୍ଚାୟତ | ISED, ଭୁବନେଶ୍ୱର | ଟ. ୨୦.୦୦ |

୧୮. ଗ୍ରାମ୍ୟଉନ୍ନୟନ
(ବିଭିନ୍ନ ସରକାରୀ ଯୋଜନା ସଂପର୍କରେ) ପଞ୍ଚାୟତିରାଜ ବିଭାଗ,
ଓଡ଼ିଶା ସରକାର

| | | |
|---|---|---|
| ୧୯. ପଞ୍ଚାୟତିରାଜ ବ୍ୟବସ୍ଥା (ଓଡ଼ିଶା) | ଗାଉଁଲି ବିଗ୍ରର | ଟ.୧୨୦.୦୦ |
| ୨୦. ଚିରନ୍ତନ କୃଷି ପ୍ରଣାଳୀ | ଗାଉଁଲି ବିଗ୍ରର | ଟ.୪୫.୦୦ |
| ୨୧. ଆମ ଖାଦ୍ୟରେ ବିଷ | ଗାଉଁଲି ବିଗ୍ରର | ଟ.୪୦.୦୦ |
| ୨୨. ମରୁଡ଼ି ପଡିଲେ ସଭିଙ୍କ ମଉଜ | ଗାଉଁଲି ବିଗ୍ରର | ଟ.୩୦୦.୦୦ |
| ୨୩. ସର୍ବସାଧାରଣଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା | ଗାଉଁଲି ବିଗ୍ରର | ଟ.୨୫.୦୦ |
| ୨୪. ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ-୨୦୦୬ | ଗାଉଁଲି ବିଗ୍ରର | ଟ.୨୫.୦୦ |
| ୨୫. ଓଡ଼ିଶାରେ ପିଆଜ ଚାଷ | ଗାଉଁଲି ବିଗ୍ରର | ଟ.୨୫.୦୦ |
| ୨୬. ଗ୍ରାମ ସ୍ୱରାଜ ଅଭିଯାନ(ମାସିକ ପତ୍ରିକା) | ଗାଉଁଲି ବିଗ୍ରର | ଟ.୦୫.୦୦ |

**ଆସି ଯାଇଅଛି ନୂଆ ଆଇନ**
**ଆମରି ଗାଁରେ ଆମ ଶାସନ**



ଯେତେବେଳେ ପଞ୍ଚାୟତି ରାଜର ପ୍ରତିଷ୍ଠା ହେବ, ସେତେବେଳେ ସାଧାରଣ ଜନମତ ଏପରି ବହୁତ କିଛି ସମ୍ଭବ କରିପାରିବ, ଯାହାକୁ ହୁଏତ କଦାପି ହିଂସା କରି ପାରିବ ନାହିଁ।

ଯଦି ମୋର ସ୍ୱପ୍ନ ବାସ୍ତବରେ ପରିଣତ ହୁଏ ଏବଂ ଭାରତବର୍ଷର ସାତଲକ୍ଷ ଗାଁର ପ୍ରତ୍ୟେକଟି ଗାଁ ଏପରି ଗୋଟିଏ ଗୋଟିଏ ସୁଖି ଗଣତନ୍ତ୍ରରେ ପରିଣତ ହୁଅନ୍ତା ଯେଉଁଥିରେ କି କେହି ନିରକ୍ଷର ରହନ୍ତେ ନାହିଁ, କାମ ନାହିଁ ବୋଲି କେହି ବେକାର ରହନ୍ତେ ନାହିଁ, ସମସ୍ତଙ୍କ ପାଖରେ ଉପଯୋଗୀ କାମ ରହିଥାନ୍ତା ଓ ସମସ୍ତେ ପୁଷ୍ଟିକର ଖାଦ୍ୟ ଖାଉଥାନ୍ତେ, ମୁକ୍ତ ବାୟୁ ଯାତାୟାତ କରୁଥିବା ଗୃହମାନଙ୍କରେ ବାସ କରୁଥାନ୍ତେ ଓ ଦେହ ଲୁଚାଇବାକୁ ସମସ୍ତଙ୍କ ପାଖରେ ଯଥେଷ୍ଟ ଖଦିବସ୍ତ୍ର ରହିଥାନ୍ତା ଏବଂ ଯେଉଁଠି ସବୁ ଗ୍ରାମବାସୀ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତାର ନିୟମଗୁଡ଼ିକ ଜାଣିଥାନ୍ତେ ଓ ପାଳନ କରୁଥାନ୍ତେ, ତେବେ ସେହି କ୍ଷେତ୍ରରେ ଏକ ରାଷ୍ଟ୍ରର ମଧ୍ୟ ବହୁବିଧ ତଥା ବହୁତ ପ୍ରୟୋଜନମାନ ରହିଥାନ୍ତା ଓ ସେଗୁଡ଼ିକ ଦେଇ ନ ପାରିଲେ ସେହି ରାଷ୍ଟ୍ରର କ୍ଷୟ ଅବଶ୍ୟମ୍ଭାବୀ ହୋଇଯାଆନ୍ତା ।

– ମହାତ୍ମା ଗାନ୍ଧୀ


ଗାଉଁଲି ବିସ୍ତର

ଗାଉଁଲି ବିସ୍ତର ପ୍ରକାଶନୀ

ପ୍ଲଟ ନଂ : ୩୮୧୬, ପୋ-ଘାଟିକିଆ, ଭୁବନେଶ୍ୱର - ୭୫୧୦୦୩

ଫୋନ୍ : ୦୬୭୪-୨୩୮୪୨୫୭, ୨୩୮୪୨୫୮